R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୪
ତିଥି : ପଞ୍ଚମୀ
୧୮ ଜାନୁଆରୀ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 104
18 Jan 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଓଡ଼ିଶା-ସିଙ୍ଗାପୁର ମଧ୍ୟରେ ୮ ବୁଝାମଣା

ଭୁବନେଶ୍ୱର,୧୭।୧ (ସବ୍ୟୁ): ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତନମ୍ ଦୁଇ ଦିନିଆ ଓଡ଼ିଶାଗସ୍ତରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ସଦସ୍ୟମାନେ ସମର୍ପିତ କରିଥିଲେ । ଏହି ଗସ୍ତ ସମୟରେ ସିଙ୍ଗାପୁର ସରକାରଙ୍କ ସହ ୮ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସମ୍ପର୍କ ଗଭୀର ହେବା ପାଇଁ ସେ ଉତ୍ସାହିତ ଅଛନ୍ତି । ସିଙ୍ଗାପୁର ଓ ଓଡ଼ିଶା ମଧ୍ୟରେ ସହଯୋଗର ଅପାର ସମ୍ଭାବନା ରହିଛି । ଦକ୍ଷତା ବିକାଶ, ଶିଳ୍ପ ପାର୍କ, ମାଷ୍ଟର ପ୍ଲାନିଂ, ବନ୍ଦର ଏବଂ ପାରାଦ୍ୱୀପ, ଅକ୍ଷୟ ଶକ୍ତି, ସେମି କଣ୍ଡେକ୍ଟର, ସୂଚନା ପ୍ରଯୁକ୍ତି ବିଦ୍ୟା, ତଥ୍ୟ କେନ୍ଦ୍ର, ସଂସ୍କୃତି ଏବଂ ସଂଯୋଗୀକରଣ ଭଳି ମୁଖ୍ୟ ବିଷୟ ବସ୍ତୁ ଗୁଡିକ ମୁଖ୍ୟ ସଚିବ ମନୋଜ ଆହୁଜା ଉପସ୍ଥାପନ କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡିକରେ ସିଙ୍ଗାପୁର ସହ ଯୋଗାଯୋଗ ପାଇଁ ଓଡ଼ିଶାରେ ପଦକ୍ଷେପ ଏବଂ ସୁଯୋଗ ଉପସ୍ଥାପନ କରାଯାଇଥିଲା ।




ଗସ୍ତ ସମୟରେ ଶ୍ରୀ ଥର୍ମନ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଭର୍ଟିକାଲ ଟ୍ରାନ୍ସପୋର୍ଟ ଲ୍ୟାବ ଏବଂ ଟ୍ରାଭେଲେଟର ଲ୍ୟାବ ପରିଦର୍ଶନ କରିଥିଲେ । ବୈଷୟିକ ଶିକ୍ଷା ନବସୃଜନ ଲାଗି ଓଡ଼ିଶାରେ ପ୍ରତିବଦ୍ଧତାକୁ ଦର୍ଶାଇ ଛାତ୍ର ଓ ପ୍ରଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା ଲାଗି ଶକ୍ତି ବିଭାଗ ଆଇଆଇଟି ଭୁବନେଶ୍ୱର ଓ ନ୍ୟାନ୍ୟାଙ୍ଗ ବୈଷୟିକ ବିଶ୍ୱ ବିଦ୍ୟାଳୟ ସିଙ୍ଗାପୁର ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ସେହିଭଳି ଶିଳ୍ପ ପାର୍କ ପାଇଁ ଇଡକୋ ଏବଂ ସିଙ୍ଗାପୁରର ସେମ୍ବୋକର୍କ, ନୂତନ ସହର ବିକାଶ ଲାଗି ବିବିଏ ଏବଂ ସିଙ୍ଗାପୁରର ସୁରୋଚନ ଜୁରୋଙ୍ଗ, ଗ୍ରୀନ୍ ହାଇଡ୍ରୋଜେନ କରିଡର ଲାଗି ଇଫିକଲ ଓ ସିଙ୍ଗାପୁରର ସେମ୍ବୋକର ପେଟ୍ରୋଲିୟମ୍ କେମିକାଲ ଏବଂ ପେଟ୍ରୋକେମିକାଲ ନିବାଶ କ୍ଷେତ୍ରରେ ଇଡକୋ ଏବଂ ସୁରୋବନ ଜୁରୋଙ୍ଗ, ସିଙ୍ଗାପୁର ଓଡ଼ିଶା ଆର୍ଥିକ ପ୍ରଯୁକ୍ତଗତ ପ୍ରବନ୍ଧନରେ ସୁଦୃଢ଼ିକରଣ ଲାଗି ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସିଙ୍ଗାପୁରର ଡିଏଫ୍‌ଟିଏଲ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ସେହିଭଳି ଭବିଷ୍ୟତ ପାଇଁ ଦକ୍ଷତା କ୍ଷେତ୍ରରେ ରାଜ୍ୟ ସରକାର ଓ ଆଇଟିଇ ଏଜୁକେଶନ ସର୍ବିସେସ ମଧ୍ୟରେ ବୁଝାମଣା ହୋଇଥିବା ବେଳେ ସେମି କଣ୍ଡେକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ, ଶିକ୍ଷା ବିଭାଗ ଓ ଆଇଟିଇ ଏଜୁକେଶନ ସର୍ବିସେସ ସିଙ୍ଗାପୁର ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଥିଲା । ଦକ୍ଷତା ବିକାଶ ତଥା ନବସୃଜନକୁ ପ୍ରାଥମିକତା ଦେବାକୁ ଓଡ଼ିଶାରେ ଉଦ୍ୟମକୁ ଶ୍ରୀ ଥର୍ମନ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ମଧ୍ୟରେ ଚାଲିଥିବା ସହଭାଗିତାର ପ୍ରତୀକ ଭାବେ (୯ ପୃଷ୍ଠାରେ)

### ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଓଡ଼ିଶାରେ ଭବ୍ୟ ସ୍ୱାଗତ

**ଅକ୍ଷୟଶକ୍ତି, ଇଣ୍ଡଷ୍ଟ୍ରିଆଲ୍‌ପାର୍କ, ନୂତନ ସହର ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର, ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ ନିବେଶ, ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ିକରଣ, ଭବିଷ୍ୟତ ପାଇଁ ଦକ୍ଷତା ବିକାଶ, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ ଲାଗି ଏମ୍‌ଓୟୁ**

### ଅବସର ନେବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ

# ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ପରବର୍ତ୍ତୀ ମୁଖ୍ୟ ବିଚାରପତି



କଟକ,୧୭।୧(ସବ୍ୟୁ): ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଆସନ୍ତା ୧୯ ତାରିଖ ରବିବାର ଅବସର ଗ୍ରହଣ କରିବାକୁ ଯାଉଥିଲାବେଳେ ଆଜି ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା । ତାଙ୍କ ସ୍ଥାନରେ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିବେ । ଶୁକ୍ରବାର ଏନେଇ କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୦ ତାରିଖରୁ ଜଷ୍ଟିସ୍ ସିହ୍ନା ଏହି ପଦରେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ।

ଓଡ଼ିଶା ହାଇକୋର୍ଟକୁ ବଦଳି ପୂର୍ବରୁ ଜଷ୍ଟିସ୍ ସିହ୍ନା କୋଲକତା ହାଇକୋର୍ଟର ବିଚାରପତି ଥିଲେ । ଏହାପରେ ଜଷ୍ଟିସ୍ ସିହ୍ନାଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିଲା । ଜଷ୍ଟିସ୍ ସିହ୍ନା ୨୦୨୧ ଅକ୍ଟୋବର ୮ ତାରିଖରେ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ ।

ଆଜି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କର ଶେଷ କାର୍ଯ୍ୟ ଦିବସ ଥିଲାବେଳେ (୯ ପୃଷ୍ଠାରେ)

# ସ୍କିମାଟିକ୍ କନିଷ୍ଠ ଶିକ୍ଷକ ମାନଙ୍କ ପାରିଶ୍ରମିକ ବୃଦ୍ଧି

### ମାସିକ ୧୧,୧୦୦ ରୁ ୧୬,୦୦୦ ଟଙ୍କାକୁ ବଢ଼ିଲା

ଭୁବନେଶ୍ୱର, ୧୭।୧ (ସବ୍ୟୁ) : ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି । ସେମାନଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକ ମାନଙ୍କର ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକ ମାନଙ୍କ ମାସିକ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ବୃଦ୍ଧି ପାଇ ୧୬,୦୦୦ ଟଙ୍କା କରାଯାଇଛି । ଏହାସହିତ ଏହି ବର୍ଗର ଶିକ୍ଷକ ମାନଙ୍କ ଇପିଏଫ ପରିମାଣ ମଧ୍ୟ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭,୯୫୦ ଟଙ୍କା ପ୍ରଦାନ କରିବେ ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୧୩,୭୪୦ ଜଣ ସ୍କିମାଟିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୮୯.୧୫ କୋଟି ଟଙ୍କା ବହନ କରିବେ ।

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । (୯ ପୃଷ୍ଠାରେ)

# ଖୁବଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଭାରତ

ଭୁବନେଶ୍ୱର, ୧୭।୧ (ସବ୍ୟୁ) : ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଚୁକ୍ତିନାମା ଜାନୁଆରୀ ୧୩ ତାରିଖରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାବାସୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁଫଳ କିପରି ଯଥାଶୀଘ୍ର ପାଇପାରିବେ ସେ ନେଇ ବିଭାଗ ବିଭିନ୍ନ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଆରମ୍ଭ କରିଛି । ଏହି ସମନ୍ୱିତ ଯୋଜନା ଦ୍ୱାରା ରାଜ୍ୟବାସୀ ଦେଶର ପ୍ରାୟ ୩୦ ହଜାର ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିବ ଯୁଗାନ୍ତକାରୀ ପରିବର୍ତ୍ତନ ।




ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ କରି ଜନସାଧାରଣଙ୍କୁ ଅତିଶୀଘ୍ର ସ୍ୱାସ୍ଥ୍ୟସେବାର ସୁଫଳ ଦେବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଜିଠାରୁ ଯୋଜନା ସହ ସଂପୃକ୍ତ ବିଭିନ୍ନ ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟମିତ୍ରଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ପ୍ରଥମ ଦିନରେ ୬୦ଟି ଚିକିତ୍ସାଳୟର ୧୮୦ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମ୍ପର୍କିତ ଆବେଦନ ପ୍ରକ୍ରିୟା, ଆଇଟି ପ୍ଲାଟଫର୍ମର ବିବିଧ ବ୍ୟବହାର, ଟ୍ରାନ୍‌ଜେକ୍‌ସନ (୯ ପୃଷ୍ଠାରେ)

### ଅଂଶୀଦାର ମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଆରମ୍ଭ

# ଆୟକର ଜାଲରେ ବହୁ ଠିକାଦାର

ସମ୍ବଲପୁର / ବଲାଙ୍ଗିର / ବରଗଡ଼, ୧୭।୧ (ସବ୍ୟୁ): (ସବ୍ୟୁ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଭାଇ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ବ୍ରଜ ଦାସଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢଉ କରାଯାଇଛି । ସମ୍ବଲପୁର ସିଟି ଷ୍ଟେସନ ସ୍ଥିତ ତାଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢଉ କରାଯାଇଛି । ଆୟକର ବିଭାଗର ୨୦ଟି ଟିମ୍ ସମ୍ବଲପୁର ସମ୍ବଲପୁର, ବରଗଡ, ଝାରସୁଗୁଡା ଓ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ଚଢଉ କରିଥିବା ଜଣାପଡିଛି । ବ୍ରଜ ଦାସ ଜଣେ ଠିକାଦାର ହୋଇଥିବା ବେଳେ ସେ ଆୟକର ଫାଙ୍କିଥିବା ଜଣାପଡିଥିଲା । ଏହି ଚଢଉ ବେଳେ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଛି । ତେବେ ଏହି ଚଢଉ ଚାଲିଥିବା ବେଳେ କୌଣସି ଅଧିକୃତ ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, ଗତ ୧୦ତାରିଖ ଦିନ ନବ ଦାସଙ୍କ ପୁଅ ବିଶାଳ ଦାସଙ୍କୁ ଛତିଶଗଡ ରାଜ୍ୟର ସରେଇପାଲି ପୋଲିସ ଅଟକ ରଖିଥିଲା । ଏହାର ଦିନକ ପୂର୍ବରୁ ସମ୍ବଲପୁର ସହର ଭାଲୁପାଲି ସ୍ଥିତ ତାଙ୍କ ଡି-ଲଙ୍ଗ ହୋଟେଲ ଉପରେ ଝାରସୁଗୁଡା ଜିଲ୍ଲା ଲଇକେରା ପୋଲିସ ପକ୍ଷରୁ ଅତର୍କିତ ଚଢଉ କରାଯାଇଥିଲା । ଯାହାକୁ ନେଇ ନବଙ୍କ ପରିବାର ବେଶ ଚର୍ଚ୍ଚାରେ ରହିଥିଲେ ।

ସେହିପରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଠିକା ସଂସ୍ଥା, ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର, ସୁପର କ୍ଲାସ ଠିକାଦାରଙ୍କ ଅଫିସ ଓ ଘରେ (୯ ପୃଷ୍ଠାରେ)

# ଶେଷ ସପ୍ତାହ ସୁଦ୍ଧା ସୁଭଦ୍ରା ଚତୁର୍ଥ ପର୍ଯ୍ୟାୟ ରାଶି

ଭୁବନେଶ୍ୱର, ୧୭।୧ (ସବ୍ୟୁ) : ଚଳିତ ମାସ ଶେଷ ସପ୍ତାହ ସୁଧା ସୁଭଦ୍ରାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ । ଟଙ୍କା ମିଳିବା ପୂର୍ବରୁ ଇକେୱାଇସିକୁ ଅପ୍‌ଡେଟ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି ।

ଶ୍ରୀମତୀ ପରିଡା କହିଛନ୍ତି ଯେ ମହିଳା ହିତାଧିକାରୀଙ୍କୁ ଚତୁର୍ଥ ଟଙ୍କା ମିଳିବା ପରେ ମଧ୍ୟ ଇକେୱାଇସି ଅପ୍‌ଡେଟ କଲେ ଯୋଜନାରେ ସାମିଲ ହୋଇପାରିବେ । ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯିବ ନାହିଁ । ବାଦ ପଡିଥିବା ୩୧ ହଜାର ମହିଳାଙ୍କ ମଧ୍ୟରୁ ୧୭,୦୦୦ ପୁଣି ସାମିଲ ହୋଇଛନ୍ତି । ଅନ୍ୟ ୧୪,୦୦୦ ମହିଳା ଅପ୍ଟଇନ୍ ନକରିପାରନ୍ତି । ଆହୁରି ୨ (୯ ପୃଷ୍ଠାରେ)

# ୩୧ରୁ ସଂସଦର ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ, ୧୭।୧ : ଆସନ୍ତା ୩୧ ତାରିଖରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇପାରେ । ଦୁଇ ପର୍ଯ୍ୟାୟରେ ବସିବାକୁ ଥିବା ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ଯାଏ ଚାଲିବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଉଭୟ ଗୃହରେ ତାଙ୍କ ଅଭିଭାଷଣ ରଖିବେ । ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିବେ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ଏପ୍ରିଲ ୪ ଯାଏ ଚାଲିବ । ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ବଜେଟ୍ ସହ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ ।

# ଅଟୋରେ ସୈଫ ଯାଇଥିଲେ ହସ୍ପିଟାଲ

ନୂଆଦିଲ୍ଲୀ, ୧୭।୧ : ବଲିଉଡ୍ ଅଭିନେତା ସୈଫଅଲ୍ଲୀ ଖାନ୍‌ଙ୍କ ଉପରେ ଛୁରାମାଡ ଘଟଣାରେ ନୂଆ ନୂଆ ମୋଡ ଆସୁଛି । ଛୁରାମାଡ ପରେ ଆହତ ହୋଇଥିବା ସୈଫଙ୍କୁ ଜଣେ ଅଟୋ ଡ୍ରାଇଭର ହସ୍ପିଟାଲକୁ ନେଇଥିଲା । ସୈଫଙ୍କ ସହ ତାଙ୍କ ପୁଅ ତୈମୁର କେବଳ ଲୀଳାବତୀ ହସ୍ପିଟାଲକୁ ଯାଇଥିଲେ । ସମ୍ପୃକ୍ତ ଅଟୋରିକ୍ସା ଡ୍ରାଇଭରର ବୟାନ ଏବେ ସାମ୍ନାକୁ ଆସିଛି । ଡ୍ରାଇଭର ଭଜନ ସିଂ ରଣା କହିଛନ୍ତି ଯେ ଆହତ ହେବାପରେ ବି ସୈଫ ଆଦୌ ଭୟଭୀତ ନଥିଲେ ।



### ରକ୍ତ ଜୁଡୁବୁଡୁ କୁର୍ତ୍ତାରୁ ଚିହ୍ନିପାରିନଥିଲା ଡ୍ରାଇଭର

ଡ୍ରାଇଭର କହିଛନ୍ତି ଯେ ତାଙ୍କ ଘର ସାମ୍ନାରୁ ଆହତ ଅଭିନେତାଙ୍କୁ ସେ ଅଟୋରେ ବସାଇଥିଲା । ମାତ୍ର ସେ ତାଙ୍କୁ ଜାଣିପାରିନଥିଲା । ତାଙ୍କ ଶରୀରରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା । ସେ ପିନ୍ଧିଥିବା ଧଳା କୁର୍ତ୍ତାଟି ମଧ୍ୟ ଲାଲ୍ ହୋଇଯାଇଥିଲା । ୮ ରୁ ୧୦ ମିନିଟ୍ ମଧ୍ୟରେ ସେ ହସ୍ପିଟାଲରେ ପହଞ୍ଚିଥିଲା । ହସ୍ପିଟାଲ ଗେଟ୍ ପାଖରେ ପହଞ୍ଚିବା ବେଳେ ସିକ୍ୟୁରିଟି ଗାର୍ଡ ସୈଫଙ୍କୁ ଚିହ୍ନିପାରିଥିଲା । ସମ୍ପୃକ୍ତ ଡ୍ରାଇଭର କହିଛି ଯେ ତାଙ୍କ ବେକରୁ ରକ୍ତ ବାହାରୁଥିଲା । ତାଙ୍କ କୁର୍ତ୍ତାଟି ଲାଲ୍ ହୋଇଯାଇଥିଲା । ସେ ଚାଲି ଚାଲି ଅଟୋ ଯାଏ ଆସିଥିଲେ । ତାଙ୍କ ସହ ୭ ରୁ ୮ ବର୍ଷର ଜଣେ ବାଳକ ଥିଲେ । ଏବେ ସେ ତାଙ୍କ (୯ ପୃଷ୍ଠାରେ)

# ଋଷ୍-ୟୁକ୍ରେନ୍ ଯୁଦ୍ଧରେ ମୃତ୍ୟୁବରଣ କଲେଣି ୧୨ ଭାରତୀୟ

ନୂଆଦିଲ୍ଲୀ, ୧୭।୧ : ଋଷ୍ ଓ ୟୁକ୍ରେନ୍ ଯୁଦ୍ଧରେ ଋଷ୍ ସେନା ପାଇଁ ଲଢ଼େଇ କରୁଥିବା ୧୨ ଭାରତୀୟଙ୍କର ମୃତ୍ୟୁ ହୋଇଛି ଓ ୧୬ ନିଖୋଜ ଅଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯିବା ସହ କୁହାଯାଇଛି ଯେ ନିଖୋଜମାନଙ୍କ ସଂଖ୍ୟାରେ ଆମକୁ ବିଭ୍ରାନ୍ତ କରାଯାଇଥିଲା । ଋଷ୍ କର୍ତ୍ତୃପକ୍ଷଙ୍କ ସହ ଆମେ ନିୟମିତ ସମ୍ପର୍କରେ ରହିଛୁ । ତେବେ ଯେଉଁ ଭାରତୀୟମାନେ ଋଷରେ ଏବେ ରହିଛନ୍ତି ଓ ଯୁଦ୍ଧ ଲଢୁଛନ୍ତି ସେମାନଙ୍କୁ ମୁକ୍ତ କରିବା ପାଇଁ କହୁଛୁ ।



ସମସ୍ତେ ଜାଣିଛନ୍ତି ଭାରତୀୟ ନାଗରିକମାନେ ଋଷ୍ ସେନା ପାଇଁ କାର୍ଯ୍ୟ କରନ୍ତି । ୧୨୬ ଜଣ ଋଷ୍ ସେନାରେ ଥିଲେ । ୯୬ ଲୋକ ଫେରିଛନ୍ତି । ସେମାନଙ୍କୁ ଋଷ୍ ସେନାରୁ ବାଦ୍ ଦିଆଯାଇଛି । ୧୮ ଭାରତୀୟ ଯୁଦ୍ଧ ଲଢୁଥିଲେ । ଏବେ ୧୬ଙ୍କର କିଛି ପତ୍ତା ମିଳୁନି । ଋଷ୍ କର୍ତ୍ତୃପକ୍ଷ ଏମାନଙ୍କୁ ନିଖୋଜ ବୋଲି ଦର୍ଶାଇଛନ୍ତି । ୧୨ ଭାରତୀୟ ନାଗରିକ ଏହି ଯୁଦ୍ଧରେ ମୃତ୍ୟୁବରଣ କରିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ପୂର୍ବରୁ ଭାରତୀୟ ସେନାଙ୍କୁ ଛାଡିବା ପାଇଁ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ଗତ ଜୁଲାଇରେ ଆଲୋଚନା ବେଳେ କହିଥିଲେ । ପୁଟିନ୍ ମଧ୍ୟ ସେମାନଙ୍କୁ ଛଡାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଭାରତୀୟମାନେ ବିଭ୍ରାନ୍ତ କରି ଯେଉଁମାନେ ଋଷ୍ ସେନାରେ ଭର୍ତ୍ତି ହୋଇଥିଲେ ସେମାନଙ୍କୁ ୟୁକ୍ରେନ୍ ଯୁଦ୍ଧକୁ ପଠାଇ ଦିଆଯାଇଥିଲା । ନୂଆଦିଲ୍ଲୀରୁ ତାମିଲନାଡୁ ମଧ୍ୟରେ ଏକ ମାନବଚାଲାଣ ନେଟ୍‌ୱାର୍କ କାର୍ଯ୍ୟ କରୁଛି । ସୋସିଆଲମିଡିଆ ପ୍ଲାଟଫର୍ମ ଓ ସ୍ଥାନୀୟ ଏଜେଣ୍ଟଙ୍କ ଦ୍ୱାରା ଏମାନେ ଋଷରେ ଚାକିରି ଦେବେ ବୋଲି ସୂଚନା ଦେଇଥାନ୍ତି । ସିବିଆଇ ଏହାକୁ ଜାଲ୍ (୯ ପୃଷ୍ଠାରେ)

### ଠକାମିର ଶିକାର ହୋଇ ଭର୍ତ୍ତି ହୋଇଛନ୍ତି ଋଷ୍ ସେନାରେ

### ୧୬ ଭାରତୀୟଙ୍କର ପତ୍ତା ମିଳୁନି

## ଇଟିଂ ଡିଜ୍ଅର୍ଡର



ଆମେ ଅନେକ ପ୍ରକାରର ଖାଇବା ଡିଜ୍ଅର୍ଡର ବିଷୟରେ ଜାଣିଛେ । ସେଥିମଧ୍ୟରୁ ଗୋଟିଏ ହେଲା ବୁଲ୍ମିଆ ଡିଜ୍ଅର୍ଡର । ଏଥିରେ ପୀଡିତ ରୋଗୀ ନିଜ ଖାଦ୍ୟର ପରିମାଣ ଉପରେ କୌଣସି ନିୟନ୍ତ୍ରଣ ରଖିପାରନ୍ତି ନାହିଁ । ଏମାନେ ମାତ୍ରାଧିକ ଖାଦ୍ୟ ଖାଇଥାଆନ୍ତି, ଯେଉଁ କାରଣରୁ ସେମାନଙ୍କର ଓଜନରେ ଅହେତୁକ ବୃଦ୍ଧି ଘଟିଥାଏ । ତେବେ ସେମାନେ ଏହି ବର୍ଦ୍ଧିତ କ୍ୟାଲୋରୀରୁ ମୁକ୍ତି ପାଇବା ପାଇଁ ଅସ୍ୱାସ୍ଥ୍ୟକର ଉପାୟ ଆପଣାଇଥାଆନ୍ତି । ସେମାନେ ନିଜର ଓଜନ ହ୍ରାସ କରିବାକୁ ଦରକାର ଅଧିକ ବ୍ୟାୟାମ କରିଥାଆନ୍ତି । କେତେଜଣ ଔଷଧର ମଧ୍ୟ ସହାୟତା ନେଇଥାଆନ୍ତି । ଏହି ଓଜନ ହ୍ରାସ କରିବା ପାଇଁ ବ୍ୟବହାର ହେଉଥିବା ଔଷଧ ଶରୀର ପାଇଁ ବେଶ କ୍ଷତିକାରକ ହୋଇଥାଏ । ଏହାକୁ ଏକ ମାନସିକ ରୋଗ ଭାବେ ମଧ୍ୟ ଗଣନା କରାଯାଇଥାଏ । ଏହା ହେବା ଦ୍ୱାରା କିଛି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖିବାକୁ ମିଳିଥାଏ । ଯେପରି ଏଥିରେ ପୀଡିତ ରୋଗୀ ନିଜର ଓଜନକୁ ନେଇ ବେଶ୍ ଚିନ୍ତିତ ରହିଥାଆନ୍ତି, ଖାଇବା ପରେ ବାଧ୍ୟତା ମୂଳକ ବାନ୍ତି କରିବା, ମେଡିସିନ୍ ଖାଇ ଓଜନ ହ୍ରାସ କରିବା, ଖାଇବା ସମୟରେ ନିୟନ୍ତ୍ରଣ ନରଖି ମନ ଇଚ୍ଛା ଦରକାରର ଅତ୍ୟଧିକ ଖାଇବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ । ଯଦି ଏଭଳି କୌଣସି ଲକ୍ଷଣ କାହା ପାଖରେ ଦେଖୁଛନ୍ତି ତେବେ ସେମାନଙ୍କୁ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ । କେବଳ ଡାକ୍ତର ନୁହେଁ ସେମାନଙ୍କୁ ଘରେ ମଧ୍ୟ ଭଲପାଇବା ଓ କେୟାରର ଦରକାର ପଡିଥାଏ ।

## ଇତିହାସ

୧୮୪୨ – ମହାରାଷ୍ଟ୍ରର ମହାନ୍ ବିଦ୍ୱାନ ମହାଦେବ ଗୋବିନ୍ଦ ରାନାଡେଙ୍କ ଜନ୍ମ ।

୧୭୭୮ – ଜେମ୍ସ କୁକ୍ ହବାଇ ଦ୍ୱୀପସମୂହର ଆବିଷ୍କାର କରିବା ସହିତ ଏହାକୁ ସାଣ୍ଡୱିଚ୍ ଆଇଲାଣ୍ଡ ନାଁ ଦେଇଥିଲେ ।

୧୯୩୦– ରବିନ୍ଦ୍ର ନାଥ ଟାଗୋରଙ୍କର ସାବରମତି ଆଶ୍ରମ ଗସ୍ତ ।

୧୯୪୭ – ପ୍ରସିଦ୍ଧ ଅଭିନେତା ତଥା ଗାୟକ କୁନ୍ଦନ ଲାଲ୍ ସହଗଲଙ୍କର ନିଧନ ।

୧୯୬୮ – ଆମେରିକା ଓ ସୋଭିଏତ୍ ସଙ୍ଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ନିୟନ୍ତ୍ରଣ ପାଇଁ ଏକ ସନ୍ଧିରେ ସହମତ ହୋଇଥିଲା ।

୧୯୭୬ – ଫ୍ରାନ୍ସ ଗୁପ୍ତଚର ଅଭିଯୋଗରେ ୪୦ ଜଣ ସୋଭିଏତ ଅଧିକାରୀଙ୍କୁ ଦେଶରୁ ନିଷ୍କାସନ କରିଥିଲା ।

୨୦୦୨ – ଆମେରିକା ଭାରତକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦେବା ପାଇଁ ସହମତ ହୋଇଥିଲା ।

୨୦୦୨ – ସିୟରା ଲିଓନ୍‌ରେ ଗୃହଯୁଦ୍ଧର ସମାପ୍ତିର ଘୋଷଣା ।

## ମସ୍କୁଲାର ବାବା

କୁମ୍ଭ ମେଳାକୁ ନେଇ ପ୍ରତିଦିନ କିଛି ନା କିଛି ଖବର ସାମନାକୁ ଆସୁଛି । ଆଇଆଇଟି ବାବାଙ୍କ ପରେ ବର୍ତ୍ତମାନ ଜଣେ ମସ୍କୁଲାର ବାବା ଭାଇରାଲ ହେବାରେ ଲାଗିଛନ୍ତି । ଲକ୍ଷାଧୀକ ସାଧୁଙ୍କ ଭିତରେ ସେ ନିଜ ହାଇଟ୍ ଓ ଚେହେରା ପାଇଁ ବାରି ହୋଇ ପଡୁଛନ୍ତି । ସାଧୁଙ୍କର ଲମ୍ବା ୭ଫୁଟ ରହିଥିବାବେଳେ ତାଙ୍କ ଚେହେରା ଜିମ୍ ଯିବା ଚେହେରା । ଆତ୍ମା ପ୍ରେମ୍ ଗିରି ନାମକ ଏହି ବାବା । ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଏହି ବାବା ଜଣଙ୍କର ଘର ରୁଷ ହୋଇଥିବାବେଳେ ବର୍ତ୍ତମାନ ସେ ନେପାଳରେ ରହୁଛନ୍ତି । ତାଙ୍କର ଏହି ଚେହେରାର ଶ୍ରେୟ ତାଙ୍କର ଓ୍ୱାର୍କଆଉଟ୍‌କୁ ଦେଇଛନ୍ତି, ଯାହା ସେ ପ୍ରତିଦିନ କରିଥାଆନ୍ତି । ବ୍ୟାୟାମ କରିବା ଦ୍ୱାରା ମଣିଷ ଖୁବ ସୁସ୍ଥ ରହିବେ ବୋଲି ବାବା ଜଣଙ୍କ ମତ ଦେଇଛନ୍ତି ।



## ମନେ ପଡନ୍ତି ଦୁଃଖୀରାମ ସ୍ୱାଇଁ



ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିଥିଲେ ଦୁଃଖୀରାମ ସ୍ୱାଇଁ । ଅଭିନେତା ଭାବେ ତାଙ୍କର ପ୍ରଥମ ଫିଲ୍ମ 'ଶ୍ରୀ ଲୋକନାଥ' ୧୯୬୦ରେ ମୁକ୍ତିଲାଭ କରିଥିଲା । ତାହା ପରେ 'ମାଟିର ମଣିଷ', 'ଅଦିନ ମେଘ', 'ଯାଯାବର', 'ଶେଷ ଶ୍ରାବଣ', 'ବଳିଦାନ' ଆଦିରେ ମୁଖ୍ୟତଃ ଖଳନାୟକ ଭୂମିକାରେ ଅଭିନୟ କରି ସେ ପ୍ରସିଦ୍ଧ ହୋଇଥିଲେ । ଅଭିନୟ ପାଇଁ ସେ ପ୍ରଥମେ ପାଇଥିଲେ ସଂଗୀତ ନାଟକ ଏକାଡ଼େମି ପୁରସ୍କାର । ତାହାପରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ମରଣୋତ୍ତର ଜୟଦେବ ପୁରସ୍କାର । ଏହି ମହାନ୍ କଳାକାରଙ୍କ ଅଭିନେତା ଜୀବନର ପ୍ରାରମ୍ଭ ମଞ୍ଚରୁ । ସ୍କୁଲରେ ପଢୁଥିବା ବେଳେ ନାଟ, ଯାତ୍ରା ଦେଖିବା ତାଙ୍କର ନିଶା ଥିଲା । ଏଥିପାଇଁ ରାତି ଅନିଦ୍ରା ହେଉଥିଲେ । ଘରେ ଗାଳି ମାଡ଼ ଖାଇବାକୁ ପଡୁଥିଲା । ଆଉ ଅଭିନୟ ନିଶା ହିଁ ତାଙ୍କୁ ଦୂରେଇ ନେଇଥିଲା ପାଠରୁ । ଅଭିନୟ ପାଇଁ ସେ ଘର ଓ ପାଠ ଛାଡ଼ି ଆସିଥିଲେ କଟକ । କବିଚନ୍ଦ୍ର କାଳୀଚରଣଙ୍କ ଓଡ଼ିଶା ଥିଏଟର୍ସ ତାଙ୍କ ଅଭିନେତା ଜୀବନର ଅନ୍ତୁଡ଼ିଶାଳ । କବିଚନ୍ଦ୍ରଙ୍କ ପ୍ରେରଣାରେ ସେ ଅଭିନୟ ସହ ପୁଣି ଥରେ ପଢ଼ା ଆରମ୍ଭ କରି ସଫଳ ହୋଇଥିଲେ । ଗୁଜୁରାଣ ମେଣ୍ଟାଇବାକୁ ବାଧ ହୋଇ ସରକାରୀ ଚାକିରିରେ ଯୋଗଦେଇଥିଲେ । ଅର୍ଥ ମିଳିଲା ସତ, ଆତ୍ମ ସନ୍ତୋଷର ଅଭାବ ତାଙ୍କୁ ବ୍ୟତି-ବ୍ୟସ୍ତ କଲା । ହୃଦୟର ଆହ୍ୱାନକୁ ଗୁରୁତ୍ୱ ଦେଇ ଯୋଗାଣ ବିଭାଗର ଚାକିରି ଛାଡ଼ିଦେଲେ । ବାସ୍, ତା'ପରଠାରୁ ଆଉ ପଛକୁ ଫେରିନାହାନ୍ତି ।



ସଦାନନ୍ଦ ନାଟ୍ୟ ନିକେତନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସହ ସଂପୃକ୍ତି ତାଙ୍କ ଅଭିନେତା ଜୀବନକୁ ସୁଦୃଢ଼ କରିଥିଲା । ୧୯୯୫ ଜାନୁଆରୀ ୧୮ ତାରିଖରେ ତାଙ୍କର ପରଲୋକ ହୋଇଥିଲା ।

**ଡକ୍ଟର ତପନ କୁମାର ପାଳ**
**ତୁଳସୀପୁର, କଟକ**

## ଘରେ କରନ୍ତୁ ଫେସ ପ୍ୟାକ୍

- ଘରେ ୪ଟି ବାଦାମ, ଅଧା ଚାମଚ ମସୁର ଡାଲି ଓ ଚିରୋଞ୍ଜିର ଗୁଣ୍ଡ ଓ ଖୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ରାତିରେ ତିଆରି କରନ୍ତୁ ଏବଂ ସକାଳୁ ଲଗାନ୍ତୁ । ଏହାକୁ ପୂରା ମୁହଁ ଓ ବେକରେ ଲଗାଇପାରିବେ । ଏହା ଶୁଖିବା ପରେ ଥଣ୍ଡା ପାଣିରେ ଧୋଇ ନେବେ ।



ଏହା ମୁହଁରେ ଉଜ୍ଜ୍ୱଳତା ଆଣିଥାଏ ।

- ଏକ ଚାମଚ ବେସନ ନିଅନ୍ତୁ ଏଥିରେ ଅଳ୍ପ ଲେମ୍ବୁ ରସ, ଏକ ଚାମଚ ଦହି ଓ ଅଳ୍ପ କିଛି ଗୋଲାପ ଜଳ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ, ୧୫-୨୦ ମିନିଟ୍ ପରେ ଧୋଇ ନିଅନ୍ତୁ ।
- ୨ ଛୋଟ ଚାମଚ ଲେମ୍ବୁ ରସରେ ଏକ ଛୋଟ ଚାମଚ ଚିନି ଗୁଣ୍ଡ ମିଶାନ୍ତୁ । ଏହି ମିଶ୍ରଣକୁ ହାତ ଓ ପାଦରେ ଲଗାନ୍ତୁ । ଏହାପରେ ବେସନ ଲଗାଇ ଏହାକୁ ସଫା କରି ଧୋଇ ଦିଅନ୍ତୁ ।
- ଆଳୁର ରସ କାଢି ନିଅନ୍ତୁ । ଏହାକୁ ଶରୀରର ଗୋଡ଼ ହାତରେ ୧୦ ମିନିଟ୍ ପାଇଁ ଲଗାନ୍ତୁ । ଆଳୁରେ ପ୍ରାକୃତିକ ବ୍ଲିଚ୍ ରହିଛି, ଯାହା ତ୍ୱଚାର ଟ୍ୟାନିଂକୁ ଦୂର କରିଥାଏ । ତେଣୁ ଆଳୁ ଉଜ୍ଜ୍ୱଳ ତ୍ୱଚା ପାଇଁ ଖୁବ ଭଲ ହୋଇଥାଏ ।

**କେଶର ଧ୍ୟାନ ରଖନ୍ତୁ**

- ଆଲୋଭେରା ଜେଲ୍‌କୁ ରାଶି ତେଲରେ ମିଶାଇ କେଶର ମୂଳରେ ଲଗାନ୍ତୁ । ଏହା ଦ୍ୱାରା କେଶ ମୂଳ ଷ୍ଟ୍ରଙ୍ଗ ହୋଇଥାଏ । ଲଗାଇବାର ୨୦ରୁ ୩୦ ମିନିଟ ପରେ କେଶ ଧୋଇ ଦିଅନ୍ତୁ ।
- ୨ଟି କଦଳୀକୁ ଚକଟି ନିଅନ୍ତୁ ଏଥିରେ ମହୁ ଓ ରାଶି ତେଲ ମିଶାନ୍ତୁ । ଏହାକୁ କେଶର ମୂଳରେ ଲଗାନ୍ତୁ । କିଛି ସମୟ ପରେ ଧୋଇ ନିଅନ୍ତୁ । ଏହା କେଶ ପାଇଁ ଖୁବ ଭଲ ହୋଇଥାଏ ।

## ସୋସିଆଲ କୋଟ୍ସ



"ମୁଁ ଏବେ ବି ସକ୍‌ରେ ଅଛି । ଏହା ଖୁବ ଭୟଙ୍କର ଘଟଣା । ଏହା ସମସ୍ତଙ୍କୁ ଏକ ଦୁଃଖଦ ସମୟରେ ପକାଇଛି । ସେଫ୍ ସାର ଜଲଦି ଭଲ ହୋଇ ଘରକୁ ଫେରନ୍ତୁ ।

କାର୍ତ୍ତିକ ଆରିୟନ, ଅଭିନେତା



"ଭଗବାନଙ୍କ ନିକଟରେ ପ୍ରାର୍ଥନା ତୁମ ପରିବାରଙ୍କୁ ସୁରକ୍ଷିତ ରଖନ୍ତୁ । ଖୁବ ଜଲଦି ଭଲ ହୋଇ ସେ ଘରକୁ ଫେରନ୍ତୁ ।

ଶ୍ରେୟା ଘୋଷାଲ, ସିଙ୍ଗର



"ସମସ୍ତେ ତୁମ ସହିତ ଅଛନ୍ତି । ଭଗବାନ ସବୁ ଠିକ୍ କରିଦେବେ । ମୋ ତରଫରୁ ତୁମ ପରିବାର ଓ ସେଫ୍‌ଙ୍କ ପାଇଁ ଅନେକ ଭଲପାଇବା ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ

## ୫ ବର୍ଷରେ ରେକର୍ଡ

ପ୍ରତିଭାର କୌଣସି ବୟସ ନଥାଏ । ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ଉତ୍ତର ପ୍ରଦେଶର ଜାୟନ ସିର୍‌ଜା । ଜାୟନ ମାତ୍ର ୫ ବର୍ଷରେ ନିଜ ନାଁକୁ ଇଣ୍ଡିଆ ବୁକ୍ ରେକର୍ଡରେ ଅନ୍ତର୍ଭୁକ୍ତ କରିଛନ୍ତି । ସୂଚନା ଅନୁସାରେ ଏହି ବାଳକ ଜଣଙ୍କ ସମସ୍ତ ୧୨୯ଟି ୟୁଏନ୍ ରେକଗ୍‌ନାଇଜ୍ ଦେଶ ଗୁଡିକର ନାଁକୁ ଆଲ୍‌ଫାବେଟ୍ ଅନୁଯାୟୀ ମନେ ରଖିଛନ୍ତି । ସେ ଏହି ନାଁ ଗୁଡିକୁ ମାତ୍ର ୨ ମିନିଟ୍ ୧୪ ସେକେଣ୍ଡ୍ ଭିତରେ ନିର୍ଭୁଲ ଭାବେ କହି ପାରୁଛନ୍ତି । ସେ ଏହି କାର୍ଯ୍ୟକୁ ଆଖିରେ ପଟି ବାନ୍ଧି କରୁଛନ୍ତି । ପିଲାଦିନୁ ଜୟାନ୍ ଖୁବ ଆକ୍ଟିଭ ଓ ପାଠ ପ୍ରତି ଆଗ୍ରହ ରଖୁଥିବା ପିଲା ବୋଲି ତାଙ୍କ ବାପା ମାଆ ପ୍ରକାଶ କରିଛନ୍ତି । ମାତ୍ର ୫ ବର୍ଷରେ ଏତେ ସବୁ ଦେଶର ନାଁକୁ ସଠିକ୍ ଭାବେ ମନେ ରଖିବା ଖୁବ ଆଶ୍ଚର୍ଯ୍ୟର ବିଷୟ ବୋଲି ସୋସିଆଲ ମିଡିଆରେ ସମସ୍ତେ ପ୍ରକାଶ କରିଛନ୍ତି ।




## ୧୦ ହଜାର ଟଙ୍କାର ସପୁରୀ ପିଜ୍ଜା

ପିଜ୍ଜା ଖାଇବାକୁ ସମସ୍ତଙ୍କୁ ଭଲ ଲାଗିଥାଏ । ତେବେ ପିଜ୍ଜାର ଟପିଂ ଭାବେ ଅନେକ ସାମଗ୍ରୀ ମିଳିଥାଏ । ଏଥିରେ ସାଦା ଓ ଆମିଷ ମଧ୍ୟ ରହିଥାଏ । ହେଲେ ସବୁଠାରୁ ୟୁନିକ୍ ପିଜ୍ଜା କାଟାଗୋରୀରେ ପ୍ରଥମେ ନାଁ ଆସିଥାଏ ସପୁରୀ ପିଜ୍ଜା । ପିଜ୍ଜା ଉପରେ ସପୁରୀ ଟପିଂ ଦେଇ ମଧ୍ୟ କିଛି ଲୋକ ଖାଇଥାଆନ୍ତି । ତେବେ ବର୍ତ୍ତମାନ ଏକ ରେସ୍ତୋରାଁରେ ମିଳୁଥିବା ସପୁରୀ ପିଜ୍ଜା ଭାଇରାଲ ହୋଇଛି । ପିଜ୍ଜାଟି ନିଜ ଦାମ ପାଇଁ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୟୁକେରେ ମିଳୁଥିବା ଏହି ପିଜ୍ଜାର ଦାମ ରହିଛି ୧୦ ହଜାର ଟଙ୍କା । ଯାହା ସୋସିଆଲ ମିଡିଆରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କେବଳ ଏହି ରେସ୍ତୋରାଁ ନୁହେଁ ଆହୁରି ଅନେକ ରେସ୍ତୋରାଁରେ ମଧ୍ୟ ଏହି ପିଜ୍ଜାର ଦାମ ଖୁବ ଅଧିକ ରହିଥାଏ ।



## ଶ୍ରେୟସଙ୍କ ଖୁସି



ଅନେକ ଦିନର ଅପେକ୍ଷା ପରେ କଙ୍ଗନାଙ୍କ ଫିଲ୍ମ ଏମରଜେନ୍ସି ରିଲିଜ୍ ହୋଇଛି । ଏଥିରେ କଙ୍ଗନାଙ୍କ ସମେତ, ଅନୁପମଖେର, ଶ୍ରେୟସ ତଲପଡେ ଆଦି ନଜର ଆସିଛନ୍ତି । ତେବେ ଶ୍ରେୟସଙ୍କୁ ଏଥିରେ ଅଟଳ ବିହାରୀ ବାଜପେୟୀଙ୍କ ଚରିତ୍ରରେ ଦେଖିବାକୁ ମିଳିଛି । ଶ୍ରେୟସ ନିଜର ଏହି ଚରିତ୍ରକୁ ନେଇ ଖୁବ ଖୁସି ଅଛନ୍ତି । ଏହି ଚରିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟ ବୋଲି ଶ୍ରେୟସ ମତ ଦେଇଛନ୍ତି । ବାଜପେୟୀଙ୍କ ଚରିତ୍ରରେ ଅଭିନୟ କରିବା ତାଙ୍କ ପାଇଁ ବେଶ ସମ୍ମାନଜନକ ଥିଲା । ସେ ଏଥିପାଇଁ ଖୁବ ପରିଶ୍ରମ ମଧ୍ୟ କରିଛନ୍ତି । ଦର୍ଶକ ମଧ୍ୟ ଏହାକୁ ଖୁବ ଭଲ ପାଇବା ଦେବେ ବୋଲି ସେ ମତ ଦେଇଛନ୍ତି । କାହାଣୀ ଓ ଚରିତ୍ର ଶୁଣିବା ପରେ ସଙ୍ଗେସଙ୍ଗେ ଶ୍ରେୟସ ଏଥିପାଇଁ ହଁ କରିଥିଲେ ବୋଲି ମତ ଦେଇଥିଲେ । ଏଭଳି ଫିଲ୍ମକୁ ନା କହିବା ମୁର୍ଖାମୀ ହୋଇଥାଆନ୍ତା ବୋଲି ଶ୍ରେୟସ ମତ ଦେଇଛନ୍ତି । ସେହିଭଳି କଙ୍ଗନା ଓ ଅନୁପମଙ୍କ ସହିତ କାମ କରି ସେ ଖୁବ ଭଲ ଅନୁଭବ ସାଉଁଟିଛନ୍ତି ବୋଲି ପ୍ରକାଶ କରିଛନ୍ତି । ସୁଟିଂ ସମୟର ଅନୁଭୂତି ଖୁବ ନିଆରା ଓ ସ୍ୱତନ୍ତ୍ରଥିଲା ବୋଲି ଶ୍ରେୟସ ମତ ଦେଇଛନ୍ତି । ଆଗକୁ ମଧ୍ୟ ଏଭଳି କିଛି ପ୍ରୋଜେକ୍ଟ ମିଳିଲେ ସେ ନିଶ୍ଚିତ କାମ କରିବେ ବୋଲି କହିଛନ୍ତି ।



ସିଙ୍ଗାପୁରର ରାଷ୍ଟ୍ରପତି ମିଷ୍ଟର୍ ଥର୍ମନ୍ ସନ୍ମୁଗରତ୍ନମଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ବିମାନ ବନ୍ଦର ଠାରେ ସ୍ୱାଗତ କରୁଛନ୍ତି ।





ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଫିଲ୍ମ ଷ୍ଟାଇଲରେ ଗାଡ଼ି ଚାଳନା ପଡ଼ିଲା ମହଙ୍ଗା

ବାରଙ୍ଗ,(ସବ୍ୟୁ) : ଗୋଡିସାହି ଫାଣ୍ଡି ସମ୍ମୁଖରେ ଫିଲ୍ମ ଷ୍ଟାଇଲରେ ଗାଡ଼ି ଚାଳନା କରିବା ଘଟଣା ଜଣେ ଯୁବକଙ୍କ ପାଇ ମହଙ୍ଗା ପଡିଛି ।ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ଗୋମାଂସ ବିକ୍ରୀ କରିବା ଅଭିଯୋଗ ରେ ସିଆଇଏସଏଫ ନିକଟରେ ଥିବା କଟକ ମେଡିସିନ ଷ୍ଟୋରର ମାଲିକ ଓ ଅନ୍ୟ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫର କିଛି ସମୟ ପରେ ବାରଙ୍ଗ ପୋଲିସ ଉଭୟଙ୍କୁ ସର୍ତ୍ତମୁଳକ ଜାମିନରେ ଛାଡ଼ିଦେଇଥିଲା।ଏହି ସମୟରେ ଔଷଧ ଦୋକାନର ମାଲିକଙ୍କ ସମ୍ପର୍କୀୟ ଭାଇ ଆଣିଥିବା ଓଡି ୦୫ବିଏନ ୧୪୦୭ ନମ୍ବର ୟାମା ଗାଡ଼ିଟିକୁ ଗୋଡିସାହି ଫାଣ୍ଡି ଆଗ ରାସ୍ତାରେ ଉଦେଶ୍ୟମୂଳକ ଭାବରେ ବିକଟାଳ ଶବ୍ଦ କରି ବାରମ୍ବାର ଏପଟସେପଟ କରି ଅମାନିଆ ଗାଡ଼ି ଚାଳନା କରୁଥିଲେ।ଏହି ଘଟଣା ପୋଲିସ ଦୃଷ୍ଟିକୁ ଆସିବାପରେ ଫାଣ୍ଡି ପୋଲିସ ଗାଡ଼ିଟିକୁ ଜବତ କରିଛିଛ।

# ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

କଟକ (ସବ୍ୟୁ) ୱାର୍ଡ ନଂ-୦୭ ଅନ୍ତର୍ଗତ ଦେଉଳସାହି ସ୍ଥିତ ରାମଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମାଣ ହୋଇଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ । ଏହି ପାନୀୟ ଜଳ ପ୍ରକଳ୍ପ ରାମଲିଙ୍ଗେଶ୍ୱର ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ହେବ । ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ କଂଗ୍ରେସ ସଭାପତି ଦିଲ୍ଲୀପ ମହାନ୍ତି, ବାପି ପାଣିଗ୍ରାହୀ, ରବୀନ୍ଦ୍ର ସାହୁ, ଆକୁଳି ସେଠୀ, ସନାତନ ସେଠୀ, ଶୋନୁ ସ୍ୱାଇଁ, ସ୍ୱଦେଶ ସେଠୀ, ସଚିନ ଶେଠୀ, ରବି ପୃଷ୍ଟି, ପ୍ରଭାତ କୁମାର, ତ୍ରୈଲୋକ୍ୟ ସେଠୀ, ରଘୁ ସେଠୀ, ସୁଦର୍ଶନ ସେଠୀ, ସତ୍ୟଜିତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମଦ ସହିତ ପୋଚ ନଷ୍ଟ

ଆଠଗଡ଼,(ସବ୍ୟୁ) : କଟକ ଜିଲ୍ଲା ଗ୍ରାମାଞ୍ଚଳ ଅଧିକ୍ଷକ ପ୍ରତୀକ ସିଂ ଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଦିନ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବାଉଁଶ ଟାଙ୍ଗର ସ୍ଥାନରେ ଚଢାଉ କରାଯାଇ ୫ ହଜାର ଲିଟର ରୁ ଉର୍ଦ୍ଧ୍ୱ ପୋଚ ଏବଂ ୧୦ ଲିଟର ମଦ ନଷ୍ଟ କରାଯିବା ସହିତ ମଦ ରନ୍ଧାଯାଉଥିବା ଆସବାବପତ୍ର ଜବତ କରାଯାଇଛି। ଏହି ସ୍ଥାନରେ ଦୀର୍ଘ ଦିନ ଧରି ଚୋରା ଦେଶୀ ମଦ କାରବାର ହେଉଥିବାବେଳେ ଆଠଗଡ଼ ଅବକାରୀ ବିଭାଗ ଏହାର ଟେର ପାଉନାହିଁକି କେଜାଣି ଜାଣିପାରୁନି ତାହାହିଁ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଚଢ଼ାଉରେ ଚୌଦ୍ୱାର ଥାନା ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନଙ୍କ ସହିତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି ମଦ ମାଫିଆଙ୍କ ଆଡ୍ଡାସ୍ଥଳୀ ଗୁଡିକ ଉପରେ ଆହୁରି ଜୋରଦାର ଚଢାଉ କରାଯିବା ସହିତ ସମ୍ପୂର୍ଣ୍ଣ ମଦ ବନ୍ଦ କରାଯିବ ବୋଲି ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଯୌତୁକ ମୁକ୍ତ ରାଜ୍ୟ କରିବାକୁ ନିର୍ଦ୍ଦେଶ ଦେଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା

ଭୁବନେଶ୍ୱର, (ସବ୍ୟୁ): ଯୌତୁକ ଏକ ପରମ୍ପରା ନୁହେଁ, ସଂସ୍କୃତି ନୁହେଁ କି ବ୍ୟକ୍ତିଗତ ବ୍ୟାପାର ନୁହେଁ - ଏହା ଏକ ସାମାଜିକ ବ୍ୟାଧି । ଯୌତୁକ ନିଷେଧ ଆଇନ ୧୯୬୧ ପ୍ରଣୟନର ୬୦ ବର୍ଷ ପରେ ମଧ ସମାଜରେ ଏବେ ବି ଯୌତୁକ ଦିଆନିଆ ହଉଛି ବୋଲି ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ଦୃଢ ମତ ରଖିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।

ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନର କନଭେନସେନ ସେଣ୍ଟରରେ ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପ-ଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାକୁ ଏକ ଯୌତୁକମୁକ୍ତ ରାଜ୍ୟ ଭାବେ ପରିପ୍ରକାଶ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରରେ ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନା ହେବାର



ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି । ଆମର ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡିକ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ । ତେଣୁ ଉପ-ଜିଲ୍ଲାପାଳ ଭାବରେ, ଏହି ଯୌତୁକ ନିଷେଧ ଅଧିନିୟମ, ୧୯୬୧ ଆଇନକୁ କଡାକଡି ଭାବେ କାର୍ଯ୍ୟକରି କରିବା ସହିତ ଏହି ଆଇନର ଦୁରୂପୋଯୋଗକୁ ରୋକିବାରେ ଉପ- ଜିଲ୍ଲାପାଳଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଛ ଆମ ଓଡ଼ିଶାରେ ଉପ-ଜିଲ୍ଲାପାଳ ତଥା ସବ-ଡିଭିଜନାଲ ମାଜିଷ୍ଟ୍ରେଟମାନଙ୍କୁ ଯୌତୁକ ନିଷେଧ ଅଧିକାରୀ ଭାବେ ଘୋଷଣା କରାଯାଇଛି । ଏହି ଆଇନ ଅନୁଯାୟୀ ଯୌତୁକ ନିଷେଧ ଅଧିକାରୀମାନଙ୍କୁ ଯୌତୁକ ମାମଲାରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, ଅନୁସନ୍ଧାନ କରିବା ଏବଂ ପ୍ରମାଣ ସଂଗ୍ରହ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ପ୍ରତ୍ୟେକ ଅଧିନିୟମର ସଫଳତା ସଠିକ ଓ ସମୟୋଚିତ କାର୍ଯ୍ୟକାରିତା ତଥା ବ୍ୟାପକ ଜନସଚେତନତା ଉପରେ ନିର୍ଭର କରେ । ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ମାଧ୍ୟମରେ ଯୌତୁକ ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସେ ଉପ-ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତିଛ ମହିଳାମାନଙ୍କ ସମ୍ମାନ ପାଇଁ ଏହା ଏକ ବଡ ପଦକ୍ଷେପ ହେବ ବୋଲି ସେ ଉଲ୍ଲେଖ କରିଛନ୍ତିଛ

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ଉପ-ଜିଲ୍ଲାପାଳ ମାନେ ଯୋଗ ଦେବା ସହ ମୁଖ୍ୟ ବକ୍ତା ଭାବେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଶ୍ରୀ ଦୀପକ ନରେନ୍ଦ୍ର ଯୋଗ ଦେଇଥିଲେ । ରାକ୍ଷସ ରୂପକ ଏହି କ୍ଷତିକାରକ ଅଭ୍ୟାସକୁ ଦୂର କରିବା ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଅଧିନିୟମ, ୧୯୬୧ ପ୍ରଣୟନ କରାଯାଇଥିଲା । ଏହି ଆଇନ ଯୌତୁକକୁ ବିବାହ ସହିତ ଜଡିତ କୌଣସି ସମ୍ପତ୍ତି କିମ୍ବା ଅନ୍ୟ ପକ୍ଷ ଦ୍ୱାରା ଦିଆଯାଇଥିବା ମୂଲ୍ୟବାନ ସାମଗ୍ରୀ ଭାବରେ ବ୍ୟାଖ୍ୟା କରେ । ଏଥିରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ଯୌତୁକ ଦାବି କରିବା, ଗ୍ରହଣ କରିବା କିମ୍ବା ଦେବା ଏକ ଦଣ୍ଡନୀୟ ଅପରାଧ, ଏବଂ ଏହା ବିବାହ ପୂର୍ବରୁ, ବିବାହ ସମୟରେ କିମ୍ବା ବିବାହ ପରେ ପ୍ରଯୁଜ୍ୟ ।

# ହଂସିତାଙ୍କ ବିରୋଧରେ ଆଉ ଏକ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ହଂସିତା-ଅନୀଲ ଠକେଇ ମାମଲାର ତଦନ୍ତ ଜାରି ରହିଥିବା ବେଳେ ଇଣ୍ଫୋସିଟି ଥାନାରେ ହଂସିତା ବିରୋଧରେ ଆଉ ଏକ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ୧୧/୨୦୨୫ କେସ୍ ନମ୍ବରରେ ମାମଲା ରୁଜୁ ହୋଇଥିବା ଜେଏମ୍ଏଫ୍‌ସି କୋର୍ଟକୁ ଥାନା ଜଣାଇଛି ।

ଶନିବାର ହଂସିତାଙ୍କ ଜାମିନ ଆବେଦନ ଶୁଣାଣି ଥିବାବେଳେ ସେ ଶୁକ୍ରବାର ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ସ୍ୱାମୀ ସରୋଜ ସାହୁଙ୍କ ଦେହ ଖରାପକୁ ନେଇ ସେ ଜାମିନ ଆବେଦନ କରିଥିବା ବେଳେ ପୋଲିସ ପଠାଇଥିବା ତାଙ୍କ ଫରୱାର୍ଡିଂ ଲେଟରରେ ସ୍ୱାମୀ ଅନୀଲ ମହାନ୍ତି ବୋଲି ଲେଖା ରହିଛି । ସେଥିପାଇଁ ତାଙ୍କ ଜାମିନ ଆବେଦନ ଶୁଣାଣିରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ଆଉ ଏକ ମାମଲା ରୁଜୁ ହେବା ଫଳରେ ଜାମିନ ଅନୁମତି ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ହଂସିତା ଅନୀଲଙ୍କୁ ସ୍ୱାମୀ କହି କର୍ପୋରେଟ୍ ଦଲାଲି କରୁଥିବା ବେଳେ ତାଙ୍କର ୪ଜଣ ସ୍ୱାମୀ ସାମ୍ନାକୁ ଆସିଲେଣି । ଗଞ୍ଜାମର ବ୍ୟବସାୟୀ ସରୋଜ ସାହୁ ତାଙ୍କ ପ୍ରକୃତ ସ୍ୱାମୀ ବୋଲି ସେ କହୁଛନ୍ତି । ଅନ୍ୟମାନେ କି ପ୍ରକାର ସ୍ୱାମୀ ତାହା ସେ ଜାଣିଥିବା ବେଳେ ମତପ୍ରକାଶ ପାଉଛି । ଶୁକ୍ରବାର ଇଣ୍ଫୋସିଟି ଥାନାରେ ଦାଏର ହୋଇଥିବା ମାମଲା କ'ଣ ପାଇଁ ହୋଇଛି ତାହା କହିବାକୁ ପୋଲିସ ଅନିଚ୍ଛା ପ୍ରକାଶ କରିଛି । ପୋଲିସ କେବଳ କେସ୍ ନମ୍ବର ଦଫା କହୁଥିବା ବେଳେ ଏତଲାକାରୀଙ୍କ ନାମ ଓ ଏତଲା ଦାଏର ହେବାର କାରଣ କ'ଣ ବୋଲି ସ୍ପଷ୍ଟ କରୁନାହିଁ।




# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ୬ଟି ଜିଲ୍ଲାରୁ ୮୦୦ ବରିଷ୍ଠ ନାଗରିକ ଆରମ୍ଭ କଲେ ତୀର୍ଥଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଆପଣମାନେ ଯେପରି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ତୀର୍ଥଯାତ୍ରା ସମ୍ପନ୍ନ କରି ଅଶେଷ ପୁଣ୍ୟ ଅର୍ଜନ କରି ଘରକୁ ଫେରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉଦ୍ବୋଧନ ଦେଇ କହିଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ୮୦୦ ଜଣ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ସିରିଡି ଓ ନାସିକ ଦର୍ଶନ ପାଇଁ ଆଜି ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହିତ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଟ୍ରେନ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ ।




ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଆଧ୍ୟାତ୍ମିକ ଓ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି । ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ସିରିଡି, ନାସିକ, କୋଲକତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ ଚଳାଚଳ କରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସନାତନ ପରମ୍ପରା ଅନୁଯାୟୀ, ଜୀବନକାଳ ମଧ୍ୟରେ କିଛି କିଛି ଧର୍ମସ୍ଥଳୀ ଦର୍ଶନ କରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଇଚ୍ଛା ଥାଏ । କୌଣସି କାରଣ ବଶତଃ ଏହା ସମ୍ଭବ ହୋଇନଥାଏ । ଖୁସିର କଥା ଆପଣମାନଙ୍କ ପାଇଁ ବାବା ଭୋଲେନାଥ ଓ ସିରିଡି ସାଇଙ୍କ ଦରବାରକୁ ଡୋର ଲାଗିଛି ଏବଂ ଆପଣମାନେ ତାଙ୍କ ଦର୍ଶନ ପାଇଁ ଯାଉଛନ୍ତି ।

ସେ ଆହୁରି କହିଥିଲେ ଯେ, ପ୍ରତ୍ୟେକ ଭାରତୀୟମାନେ ତୀର୍ଥସ୍ଥଳୀ ଓ ମନ୍ଦିର ପରିଦର୍ଶନ କରିବା ପାଇଁ ମନ ଭିତରେ ସବୁ ବେଳେ ଆଶା ରଖିଥାନ୍ତି । ସମସ୍ତ ତୀର୍ଥଯାତ୍ରୀଙ୍କୁ ନିଜ ଗ୍ରାମଠାରୁ ସେମାନେ ଯାତ୍ରା ଆରମ୍ଭ କରୁଥିବା ରେଳ ଷ୍ଟେସନ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଯିବା ଆସିବା ସୁବିଧା କରାଯାଇଛି । ଯାତ୍ରା ସମୟରେ ସେମାନଙ୍କର ରହିବା, ଖାଇବା ପିଇବା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନ ପର୍ଯ୍ୟନ୍ତ ଯିବା ଆସିବା ସୁବିଧା ମଧ୍ୟ କରାଯାଇଛି । ଯାତ୍ରା ସମୟରେ ସମସ୍ତେ ସତର୍କ ରହିବା ସହିତ ନିୟୋଜିତ ଅଧିକାରୀ ଓ ଗାଇଡ୍‌ଙ୍କ ତତ୍ତ୍ୱାବଧାନରେ ତୀର୍ଥସ୍ଥଳୀ ବୁଲିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଆମ ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହେଉଛି ଏକ ଅନନ୍ୟ କାର୍ଯ୍ୟକ୍ରମ । ଏହି ତୀର୍ଥଯାତ୍ରା ଆପଣମାନଙ୍କୁ ଏକ ନୂତନ ଦୃଷ୍ଟିଭଙ୍ଗୀ ଓ ଅନୁଭବ ପ୍ରଦାନ କରିବ । କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ । ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

### ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ନେତୃତ୍ୱ ନେବ ଓଡ଼ିଶା

## ଏନ୍‌ଟିୟୁ, ସିଙ୍ଗାପୁର ଏବଂ ଆଇଆଇଟି ଭୁବନେଶ୍ୱର ସହ ଏମ୍‌ଓୟୁ ସ୍ୱାକ୍ଷରିତ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ଶକ୍ତି ବିଭାଗ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି (ଏନଟିୟୁ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ସିଙ୍ଗାପୁର ର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଅକ୍ଷୟ ଶକ୍ତି ବିକାଶ ଦିଗରେ ଏହି ଏମଓୟୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି । ଏହି ସହଭାଗିତା ବଳରେ ଓଡ଼ିଶାକୁ କାର୍ବନ ମୁକ୍ତ କରିବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ୨୦୭୦ ମସିହା ସୁଦ୍ଧା ଦେଶର ନେଟ୍-ଜିରୋ ଲକ୍ଷ୍ୟ ସାଧନ ଅଧିକ ସହଜ ହେବ । ଏଥିସହିତ ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଛି । ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସିଙ୍ଗାପୁର ପରିବହନ ଏବଂ ଉପ-ଅର୍ଥମନ୍ତ୍ରୀ ଚି ହଙ୍ଗ ଟାଟ୍, ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତି ପ୍ରଭାତି ପରିଡ଼ାଙ୍କ ସହ ଏନଟିୟୁ, ସିଙ୍ଗାପୁର, ଆଇଆଇଟି, ଭୁବନେଶ୍ୱର ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

### ସିମ୍ ବକ୍ସ ଜାଲିଆତିରେ ସମ୍ପୃକ୍ତି ଅଭିଯୁକ୍ତ ମହମ୍ମଦ ଇକବଲ୍‌ର ଜାମିନ ଖାରଜ

## ଘଟଣାରେ ବିରାଟ ଷଡ଼ଯନ୍ତ୍ରର ଆଭାସ ରହିଛି: ହାଇକୋର୍ଟ

କଟକ,(ସବ୍ୟୁ): ରାଜ୍ୟର ବହୁ ଚର୍ଚ୍ଚିତ 'ସିମ୍ ବକ୍ସ' ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ ଦ୍ୱାରା ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଇକ୍ବାଲ୍ ହୁସେନ୍ ଜାମିନ୍ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି । ଆବେଦନକାରୀ ଇକ୍ବାଲ୍ ହୁସେନ୍ ପାକିସ୍ତାନ ଆଇଏସ୍‌ଆଇର ଜଣେ ଇଣ୍ଟିଲେଜେନ୍ସି ଅଫିସର ଅବଦୁଲ୍ ହମିଦ୍ ସହ ଯୋଗାଯୋଗରେ ରହିଥିଲା । ଇକ୍ବାଲ୍ ହୁସେନ୍ ଆକାଉଣ୍ଟକୁ ପଇସା ଟ୍ରାନ୍ସଫର ହୋଇଥିବାର ପ୍ରାଥମିକ ପ୍ରମାଣ ମଧ୍ୟ ରହିଛି । ପୂର୍ବରୁ ମଧ୍ୟ ଏହି ଘଟଣାରେ ଜଡ଼ିତ ଅନ୍ୟ କିଛି ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ହାଇକୋର୍ଟରୁ ଖାରଜ ହୋଇଛି । ଏହି ଘଟଣା ପଛରେ ବିରାଟ ଷଡ଼ଯନ୍ତ୍ର ମଧ୍ୟ ରହିଛି । ତେଣୁ ଆବେଦନକାରୀକୁ ଏହି ଘଟଣାରେ ଜାମିନ୍ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି ।

କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫରେ ଜଣେ ପୁଲିସ୍ ଏସ୍‌ଆଇ ୨୦୨୩ ମେ' ୧୨ ତାରିଖରେ ଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପରେ ଭୁବନେଶ୍ୱର ରେଳ ଷ୍ଟେସନରେ ପଠାଣୀ ସାମନ୍ତ ଲେଙ୍କା ନାମକ ବ୍ୟକ୍ତିକୁ ଗିରଫ କରାଯାଇଥିଲା । ପଠାଣୀ ଲେଙ୍କାକୁ ଜେରା କରାଯିବା ପରେ ସେ ଅନ୍ୟ ଦୁଇଜଣ ସହଯୋଗୀ ସରୋଜ ନାୟକ ଏବଂ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ମିଶି ବିଦେଶୀ ବିଶେଷକରି ପାକିସ୍ତାନର ଆଇଏଆଇ ଏଜେଣ୍ଟଙ୍କୁ ମୋବାଇଲ୍ ନମ୍ବର ଏବଂ ଓଟିପି ସେୟାର କରୁଛନ୍ତି । ଏହି ଆଧାରରେ ସେମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମକୁ କାର୍ଯ୍ୟକ୍ଷମ କରି ନିଜର ବିଭିନ୍ନ ସୁବିଧା ହାସଲ କରୁଛନ୍ତି । ଏପରିକି ଫେସବୁକ୍‌ରେ ସେମାନେ 'ଫ୍ରି ରିଚାର୍ଜ ବକ୍ସ' ନାମରେ ଏକ ଆକାଉଣ୍ଟ ଖୋଲିଥିଲେ । ଯେଉଁଥିରେ ସେମାନେ ବିଦେଶୀ ନାଗରିକଙ୍କ ସମେତ ୧ଲକ୍ଷ ଲୋକଙ୍କୁ ଯୋଡ଼ିଥିଲେଛ ପ୍ରଦ୍ୟୁମ୍ନ କୁମାର ସାହୁ ନାମକ ଜଣେ ଯୁବକଙ୍କଠାରୁ ସେମାନେ ସିକାର୍ଡ କିଣୁଥିଲେ ।

## ମାଟିରେ ମିଶିଲା ବୈକୁଣ୍ଠଧାମ ଆଶ୍ରମ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ବାରିରେ ଥିବା ବୈକୁଣ୍ଠଧାନ ଆଶ୍ରମ ଶୁକ୍ରବାର ମାଟିରେ ମିଶିଛି । ଘର, ପାଚେରି ଓ ପିଣ୍ଡି ପ୍ରଭୃତିକୁ ସରକାରଙ୍କ ମିଳିତ ଉଚ୍ଛେଦକାରୀ ଦଳ ଭଙ୍ଗାରୁଜା କରିଥିଲେ । ଭାଙ୍ଗିବା କାର୍ଯ୍ୟ ସରିନଥିବାରୁ ଶନିବାର ମଧ୍ୟ ଭଙ୍ଗାରୁଜା ହେବ ବୋଲି ଉଚ୍ଛେଦକାରୀ ଦଳରେ ସାମିଲ ଥିବା ଜଣେ ଅଫିସର କହିଛନ୍ତି ।




ବାବା କାଶୀନାଥଙ୍କ କୁନିପୁଅ କଲ୍‌କୀ ବାବାଙ୍କ ପାଦ ଓ ମୁଣ୍ଡ ପ୍ରଭୃତିରେ ତୁଳସୀ ଲାଗିବାର ଫଟୋ ଭାଇରାଲ ହେବା ପରେ ଭରତପୁର ଥାନାରେ ସ୍ୱେଚ୍ଛାସେବୀ ସଙ୍ଗଠନ ମହାସଂଘର ସଭାପତି ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ପରେ ବିଡିଏ ଓ ବିଏମ୍‌ସି ପକ୍ଷରୁ ଆଶ୍ରମ ଭାଙ୍ଗିବା ପାଇଁ ଦିନ ଧାର୍ଯ୍ୟ କରାଯାଇ ପ୍ରଚାର ମଧ୍ୟ ହୋଇଥିଲା । ଏହାପରେ ଆଶ୍ରମ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଦେଇଥିଲେ । ସରକାର ସତ୍ୟପାଠ ଦାଖଲ କରିବା ପରେ ଆଶ୍ରମ କର୍ତ୍ତୃପକ୍ଷଙ୍କ ମୁଖା ଖୋଲିଥିଲା । କୋର୍ଟକୁ ସେ ଯାହା ଜଣାଇଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ ବୋଲି ଜଣାପଡିବା ପରେ କୋର୍ଟ ଲଗାଇଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ହୋଇଥିଲା ।

ଏହାପରେ ମିଳିତ ଉଚ୍ଛେଦକାରୀ ଦଳ ଗୁରୁବାର ଆଶ୍ରମ ଭଙ୍ଗାଯିବ ବୋଲି ଡାକବାଜି ଯନ୍ତ୍ରରେ ପ୍ରଚାର କରିବା ପରେ ଶୁକ୍ରବାର ଦିନ ୧୨ଟାରେ ବୁଲ୍‌ଡୋଜର ଆଶ୍ରମରେ ପହଞ୍ଚିବା ସହ ପୋଲିସ, ବିଡିଏ, ଜିଏ, ମ୍ୟୁନିସିପାଲିଟିର ଅଫିସରମାନେ ଉପସ୍ଥିତ ଥିଲେ । ଭାଙ୍ଗିବା କାର୍ଯ୍ୟ ଚାଲିଥିବା ବେଳେ ଆଶ୍ରମରେ ଥିବା କାର୍, କୁନିବାବାଙ୍କ ଖଟୁଲି, ଗଦୀ ପ୍ରଭୃତି ସେମାନେ ଗାଡିରେ ନେଇଯାଇଥିଲେ । ଏହି ସମୟରେ ୨/୩ଜଣ ଭକ୍ତ କାନ୍ଦି କାନ୍ଦି ଭୂମିଷ୍ଠ ପ୍ରଣାମ ହୋଇ କ'ଣ ସବୁ କହିଯାଉଥାନ୍ତି ତାହା ସ୍ପଷ୍ଟ ଜଣାପଡିନଥିଲା । ଶନିବାର ଭଙ୍ଗାଯିବା କାର୍ଯ୍ୟ ଶେଷ ହେବା ପରେ ବିଡିଏ ପକ୍ଷରୁ ସେହି ଜାଗା ଉପରେ ପ୍ରାଚେରି ନିର୍ମାଣ ହେବ ବୋଲି ଅଫିସର କହିଛନ୍ତି ।

### ସିଙ୍ଗାପୁରର ରାଷ୍ଟ୍ରପତିଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା

## ଓଡ଼ିଶା, ସିଙ୍ଗାପୁର ମଧ୍ୟରେ ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭୁବନେଶ୍ୱରରେ ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କୁ ଭେଟି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହେଉଥିବା ସକାରାତ୍ମକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଶିକ୍ଷା ଦୃଶ୍ୟପଟ୍ଟରେ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା ଉପରେ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିଥିଲେ । ଏହା ପରେ ଏକ ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନାରେ ଶ୍ରୀ ପ୍ରଧାନ ଭାରତର ଶିକ୍ଷା ବ୍ୟବସ୍ଥା, ସିଙ୍ଗାପୁର ସହିତ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉଭୟ ପକ୍ଷର ସହଯୋଗକୁ ସୁଦୃଢ଼ କରିବା ଏବଂ ଜ୍ଞାନ ସେତୁକୁ ସୁଦୃଢ଼ କରିବା ଉପରେ ଫଳପ୍ରଦ ବିଚାରବିମର୍ଶ କରିଥିଲେ । ଆଉ ଏକ ପୃଥକ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ସିଙ୍ଗାପୁରର ରାଷ୍ଟ୍ରପତି ଓ ପ୍ରତିନିଧିମଣ୍ଡଳୀଙ୍କ ଉପସ୍ଥିତିରେ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା ।

ଏମଓୟୁ ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ଆଜି ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଏବଂ ସିଙ୍ଗାପୁର ମଧ୍ୟରେ ଏମଓୟୁ ଦ୍ୱାରା ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଏହି ଏମଓୟୁଗୁଡିକ ଓଡ଼ିଶାର ଦକ୍ଷତା ପରିସଂସ୍ଥାନ, ଏକବିଂଶ ଶତାବ୍ଦୀର ଦକ୍ଷତା ମାଧ୍ୟମରେ ଓଡ଼ିଶାର ମାନବ ପୁଞ୍ଜିକୁ ଅଧିକ ସଶକ୍ତ କରିବ । ଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଗବେଷଣା, ନବସୃଜନ କ୍ଷେତ୍ରକୁ ମଜଭୁତ୍ କରିବ । ଓଡ଼ିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ଏହା ଏକ ସ୍ୱାଗତଯୋଗ୍ୟ ବୁଝାମଣା । ଏହା ଦ୍ୱାରା ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ ସୁଦୃଢ଼ ହେବ । ରାଜ୍ୟର ଶିଳ୍ପ ଏବଂ ସାମାଜିକ-ଅର୍ଥନୈତିକ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଭାରତ-ସିଙ୍ଗାପୁର ବ୍ୟାପକ ରଣନୈତିକ ଭାଗିଦାରୀକୁ ଉଚ୍ଚ ସ୍ତରକୁ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଶ୍ରୀ ପ୍ରଧାନ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରାଷ୍ଟ୍ରପତି ଥର୍ମନଙ୍କ ଦୁଇ ଦିନିଆ ଗସ୍ତ ଓଡ଼ିଶା ସହ ସିଙ୍ଗାପୁରର ସମ୍ପର୍କରେ ନୂତନ ଦିଗ ଯୋଡ଼ିବା ସହ ଭାରତ-ସିଙ୍ଗାପୁର ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ଗଭୀର କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କ ସହ ଭୁବନେଶ୍ୱର ସ୍ଥିତ ୱାର୍ଲଡ୍ ସ୍କିଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ ।



## ମାଦକଦ୍ରବ୍ୟ ସେବନରୁ ଦୂରେଇ ରହିବା ସଂକ୍ରାନ୍ତୀୟ ସଚେତନତା

କଟକ, (ସବ୍ୟୁ):ମାଦକ ଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଆଇନ୍ ପ୍ରୟୋଗକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ଅଧିନିୟମ (ସିଓଟିପିଏ) ୨୦୦୩ ତଥା ଅନ୍ୟାନ୍ୟ ଆଇନ୍‌ଗୁଡିକୁ କଡାକଡି ଲାଗୁ କରିବା ଉପରେ ଆଇନ୍ ପ୍ରୟୋଗକାରୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହନ୍ତଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭା ।ବନା ସଭାଗୃହଠାରେ ଆଜି ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରସନ୍ନ କୁମାର ହୋତା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଲୋକନାଥ ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୀପା ପଟ୍ଟନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଡଃ ରାଉତ ଶରୀର ଉପରେ ମାଦକ ଦ୍ରବ୍ୟ ସେବନର କୁପ୍ରଭାବ ଏବଂ କର୍କଟ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାଦକ ଦ୍ରବ୍ୟ ମୁକ୍ତ କଟକ ବିଷୟବସ୍ତୁ ଉପରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି କର୍ମଶାଳାରେ ପୋଲିସ୍ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ ।

## ଶ୍ୟାମାଶ୍ୟାମ ଧାମରେ ଗିଫ୍ଟ ଛାତ୍ରଛାତ୍ରୀଙ୍କ ରକ୍ତଦାନ




ଭୁବନେଶ୍ୱର, (ସବ୍ୟୁ): ଶ୍ୟାମାଶ୍ୟାମ ଧାମ ଓ ଶ୍ରୀ ଗୁରୁକୃପା ଚ୍ୟାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗିଫ୍ଟ ସ୍ୱୟଂଶାସିତ କଲେଜର ଡିନ୍ ଆଡ଼ମିନ୍‌ଷ୍ଟ୍ରେସନ ଲେଫ୍ଟନାଣ୍ଟ ମିହିର କୁମାର ରାଉତଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏହି ଧାମ ପରିଦର୍ଶନ କରିବା ସହିତ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗିଫ୍ଟ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡଃ ହିମାଂଶୁ ଭୂଷଣ ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କେଶର ମିଶ୍ର ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

### ବିଶ୍ୱ ଓଡ଼ିଆ ପରିବାରର ଆହ୍ୱାନ

## ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ସହଭାଗୀ ହୁଅନ୍ତୁ

ଭୁବନେଶ୍ୱର, (ସବ୍ୟୁ): ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତେ ଉଦ୍ଧାର ହେଉ ହେଉଛି ବିଶ୍ୱବାସୀଙ୍କୁ ଓଡିଶାର ମୂଳ ବାର୍ତ୍ତା । ଅନେକ ଓଡିଆ ପୁଅ ଆଜି ଦେଶ ତଥା ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ବାସ କରୁଛନ୍ତି । ବିଭିନ କ୍ଷେତ୍ରରେ କାମ କରୁଛନ୍ତି । କେବଳ ସେତକ ନୁହେଁ, ବରଂ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଓଡିଶା ତଥା ପ୍ରତ୍ୟେକ ଓଡିଆଙ୍କୁ ଗୌରବାନ୍ୱିତ କରି ପାରିଛନ୍ତି । ରାଜ୍ୟ ବାହାରେ ଥିବା ଓଡିଆ ଭାଇଭଉଣୀଙ୍କୁ ସଂଗଠିତ କରି ୨୦୩୬ ସୁଦ୍ଧା 'ବିକଶିତ ଓଡିଶା ଗଠନ'ରେ ସେମାନଙ୍କ ସହଯୋଗି ଭାବରେ ସରକାରଙ୍କ କାନ୍ଧରେ କାନ୍ଧ ମିଳାଇ ଆଗେଇ ଆସିବା ନିମନ୍ତେ ଆହ୍ୱାନ କରୁଛୁ ବୋଲି ବିଶ୍ୱ ଓଡିଆ ପରିବାରର ଅଧ୍ୟକ୍ଷ ଶ୍ରୀ ସଜନ ଶର୍ମା କହିଛନ୍ତି । ସାମ୍ବାଦିକ ସମ୍ମିଳନିରେ ସୁଚନା ଦେଇ ଶ୍ରୀ ଶର୍ମା କହିଛନ୍ତି ଯେ ଆମ ମାଟି, ଆମ ରାଜ୍ୟ, ଆମ ଦେଶ ପାଇଁ କାର୍ଯ୍ୟ କରି ମାତୃଭୂମି ପ୍ରତି ଆମ କର୍ତ୍ତବ୍ୟ ପାଳନ କରିବା ଆଜି ସମୟ ଆସିଛି । ଆଧୁନିକ ବିଶ୍ୱରେ ଓଡିଆ ପରଂପରାର ମୂଲ୍ୟବୋଧ ଓ ସ୍ପନ୍ଦନକୁ ପ୍ରୋତ୍ସାହିତ କରିବା ସହିତ ଓଡିଆଙ୍କ ମଧ୍ୟରେ ଆତ୍ମୀୟତା ଓ ସୌହାଦ୍ୟ ଭାବନାର ପୋଷଣ କରିବା ହେଉଛି ବିଶ୍ୱ ଓଡିଆ ପରିବାରର ମୂଳ ଲକ୍ଷ୍ୟ । ବିଶ୍ୱ ଓଡିଆ ପରିବାର ତରଫରୁ ଆମ ଆତିଥ୍ୟ, ଆମ ପରିଚୟକୁ ମୁଳମନ୍ତ୍ର କରାଯାଇଛି । ୨୦୩୬ ସୁଦ୍ଧା ବିକଶିତ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କ୍ଷେତ୍ରରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବିଶ୍ୱ ଓଡିଆ ପରିବାର ଏହି ଅଭିଯାନରେ ନିଜକୁ ସାମିଲ କରିଛି । ଭାଷା ଓ ସାହିତ୍ୟ, ଓଡିଆ ଅସ୍ମିତାର ପ୍ରଚାର, ସାଂସ୍କୃତିକ ସଂପଦ ସଂରକ୍ଷଣ, ଓଡିଆ ପାରମ୍ପରିକ ଖାଦ୍ୟର ପ୍ରଚାର, ଆମ ଆତିଥ୍ୟ, ଆମ ପରିଚୟର ପାଳନ, କର୍ମଶାଳା ଏବଂ ତାଲିମ ଆୟୋଜନ, କଳା ଓ କଳାକାରମାନଙ୍କୁ ସମ୍ମାନିତ କରିବା, ବିଦେଶରେ ବସବାସ କରି ସୁନାମ ଅର୍ଜନ କରିଥିବା ଓଡିଆ ଭାଇଭଉଣୀମାନଙ୍କୁ ଓଡିଶା ଅଧିବାସୀଙ୍କ ସହିତ ପରିଚିତ କରାଇବା ଏବଂ ପ୍ରତିଷ୍ଠିତ ଓଡିଆ ଭାଇଭଉଣୀମାନଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବା ହେଉଛି ବିଶ୍ୱ ଓଡିଆ ପରିବାରର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବୋଲି ଶ୍ରୀ ଶର୍ମା ସୁଚନା ଦେଇଛନ୍ତି ।




ଭୁବନେଶ୍ୱରଠାରେ ସଦ୍ୟ ସମାପ୍ତ ହୋଇଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ଅବସରରେ ପାଖାପାଖି ୪୦୦୦ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ମୁଳ ସମ୍ମିଳନୀ ସ୍ଥାନ ଜନତା ମଇଦାନ ସମେତ ଭୁବନେଶ୍ୱରର ୫ଟି ସ୍ଥାନ (ରବିନ୍ଦ୍ର ମଣ୍ଡପ, ରାଜ୍ୟ ସଂଗ୍ରହାଳୟ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର)ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଛ ଦେଶ ବିଦେଶରୁ ସମୁଦାୟ ୧୦୦୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏବଂ ତାଙ୍କ ପରିବାର ସଦସ୍ୟ, ବିଶିଷ୍ଟ ବ୍ୟକ୍ତିବିଶେଷ ତଥା ଉଚ୍ଚ ପଦାଧିକାରୀଗଣ ଓଡିଶା ଆଗମନ କରିଥିଲେ । ଅତିଥିମାନେ ଭୁବନେଶ୍ୱର ସମେତ ପୁରୀ, କୋଣାର୍କ, କଟକ ଆଦି ପର୍ଯ୍ୟଟନ ସ୍ଥଳୀ ବୁଲି ଦେଖିଥିଲେ । ଏହି ଅବସରରେ ଦେଶ ବିଦେଶରୁ ଆସିଥିବା ଅତିଥିମାନଙ୍କୁ ବିଶ୍ୱ ଓଡିଆ ପରିବାର ତରଫରୁ ଆମ ଆତିଥ୍ୟ, ଆମ ପରିଚୟ'କୁ ଗୁରୁତ୍ୱ ଦିଆଯାଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥିଙ୍କୁ ଆମ ପାରଂପାରିକ ଖାଦ୍ୟ 'ପିଠା ଓ ମିଠା' ପରସା ଯାଇଥିଲା । ମଣ୍ଡା, ଆରିସା, ଏଣ୍ଡୁରୀ, ଚକୁଳି, ଚିତଉ, ପୋଡପିଠା ଆଦି ପିଠା ସମେତ ରସଗୋଲା, ମଗଜ ଲଡୁ, ଛେନା ଝିଲୀ, ଛେନାପୋଡ, ପାଲୁଅ ଲଡୁ ଆଦି ମିଠା ପରସା ଯାଇଥିଲା । ଓଡିଶାର ଗୌରବମୟ ଐତିହ୍ୟ, ମନ୍ଦିର, ଭାଷା, କଳା, ସ୍ଥାପତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା, ପରଂପରା, ଆୟୁର୍ବେଦ, ପ୍ରାକୃତିକ ସଂପଦ, ଖାଦ୍ୟ, ବେଶଭୁଷା, ଅଳଂକାରକୁ ନେଇ ଇଂରାଜୀ ଭାଷାରେ ଗୌରବମୟ ଓଡିଶା (ଗ୍ଲୋରିୟସ ଓଡିଶା) ପୁସ୍ତିକା ସମସ୍ତ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଲେଖକମାନଙ୍କ ପ୍ରବନ୍ଧକୁ ସଂକଳନ କରାଯାଇ ପ୍ରକାଶିତ ହୋଇଥିଲା ବୋଲି ଶ୍ରୀ ଶର୍ମା କହିଛନ୍ତି । ଗୌରବମୟ ଓଡିଶା (ଗ୍ଲୋରିୟସ ଓଡିଶା) ପୁସ୍ତକକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୭ ତାରିଖ ଦିନ ଉନ୍ମୋଚନ କରିବା ସହିତ ବିଶ୍ୱ ଓଡିଆ ପରିବାରର ଉଦ୍ୟମ ଓ ପ୍ରୟାସକୁ ଭୁୟସୀ ପ୍ରଶଂସା କରିଥିଲେ । ରାଜ୍ୟ ଅତିଥି ଭବନରେ ଅୟୋଜିତ ଉକ୍ତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ଅନେକ ପଦ୍ମ ପୁରସ୍କାର ବିଜେତା ଏବଂ ବିଶିଷ୍ଟ ଅତିଥିଗଣ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ସମସ୍ତ ମନ୍ତ୍ରୀଗଣ, ପଦାଧିକାରୀଙ୍କ ସମେତ ସମସ୍ତ ସହଯୋଗୀଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛୁ ବୋଲି ଶ୍ରୀ ଶର୍ମା କହିଛନ୍ତି । ଓଡିଶା ତଥା ଓଡିଆଙ୍କ ସମ୍ମାନ କ୍ଷେତ୍ରରେ ବିଶ୍ୱ ଓଡିଆ ପରିବାର ତରଫରୁ ଆଗାମୀ ଦିନମାନଙ୍କରେ ପ୍ରୟାସ ଜାରୀ ରହିବ । ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ । ଏହି ଅବସରରେ ଭବାନୀ ପ୍ରସାଦ ମିଶ୍ର, ସୁବ୍ରତ ନାୟକ, ସୁରେଶ ସାହୁ, ଶ୍ରୀକାନ୍ତ ପାଢୀ, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ସଙ୍ଗୀତ ମହାବିଦ୍ୟାଳୟରେ ଅରାଜକତା

## ଛାତ୍ରୀଙ୍କୁ ମାର୍କ ବଢାଇବାକୁ ଡାକି ଅଧ୍ୟାପକ କରୁଛନ୍ତି ଶୋଷଣ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅରାଜକତା ବଢିବାରେ ଲାଗିଛି । କେତେବେଳେ ଯୌନଶୋଷଣ ଅଭିଯୋଗ ତ ଆଉ କେତେବେଳେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଛାତ୍ରଛାତ୍ରୀଙ୍କ ମନରୁ ଲିଭିନଥିବା ବେଳେ ମାର୍କ ବଢାଇବାକୁ ଡାକି ଛାତ୍ରୀଙ୍କୁ ଅଧ୍ୟାପକ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଦୁର୍ବ୍ୟବହାର ପାଇଁ ମାସକ ମଧ୍ୟରେ ଦୁଇ ଅତିଥି ଅଧ୍ୟାପିକା ମହାବିଦ୍ୟାଳୟ ଛାଡିଛନ୍ତି ।

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ରାଜ୍ୟର ବହୁ ପ୍ରତିଷ୍ଠିତ କଳାକାର, ସଙ୍ଗୀତକାର ଓ ନୃତ୍ୟଶିଳ୍ପୀଙ୍କୁ ପ୍ରସ୍ତୁତ କରିଥିବା ବେଳେ ସେଠାରେ ଅରାଜକତାକୁ ନେଇ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଜଣେ ପୂର୍ବତନ ଛାତ୍ରୀଙ୍କ କହିବାନୁଯାୟୀ ଝିଅଙ୍କ ପିଠିରେ ଓ ଗାଲରେ ଅଧ୍ୟାପକ ହାତ ମାରିବା ସହ ଶାରୀରିକ ନିର୍ଯାତନା ଦେବାର ନଜିର ମଧ୍ୟ ରହିଛି । ଜଣେ ଦୃଷ୍ଟିବାଧିତା ଛାତ୍ରୀଙ୍କୁ ଜଣେ ଫାକଲ୍‌ଟି ଯୌନଶୋଷଣ କରିଥିବା ଅଭିଯୋଗ ହେବା ପରେ ସେ ଅଧ୍ୟକ୍ଷଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇ ସେଠାରେ ପୁଣି କାମ କରିବାକୁ ପିଲାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

ଗତ କିଛିଦିନ ତଳେ ନୃତ୍ୟ ବିଭାଗର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଛାତ୍ରଛାତ୍ରୀଙ୍କ ମନରୁ ନଲିଭୁଣୁ ପୁଣି ଏପରି ଅଭିଯୋଗ ହେବା ଫଳରେ ମହାବିଦ୍ୟାଳୟ ଶୃଙ୍ଖଳା ଭଙ୍ଗ ହୋଇଛି । ଏପରିକି ଅଧିକ ଫି ଆଦାୟ କରି ଛାତ୍ରୀଙ୍କୁ ମାନସୀକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି । ନିର୍ଦ୍ଦିଷ୍ଟ ଜଣେ ଅଧ୍ୟାପକଙ୍କ ନା ଛାତ୍ରଛାତ୍ରୀମାନେ କହୁଛନ୍ତି । ସେହି ଅଧ୍ୟପକ ଡାକିବା ପରେ ଛାତ୍ରୀ ନଶୁଣିଲେ କ୍ୟାରିୟର ବରବାଦ୍ କରିଦେବେ ବୋଲି ଧମକ ଦେଉଛନ୍ତି । ଏଭଳି ଅରାଜକତା ଲାଗି ରହିଲେ ସେଠାକୁ କେଉଁ ଅଭିଭାବକ ପାଠ ପଢାଇବାକୁ ପିଲାଙ୍କୁ ପଠାଇବେ ନାହିଁ ବୋଲି ମତ ପ୍ରକାଶ ପାଇଛି ।

DSPL-329

ODISHA NEW OPPORTUNITIES

CII Confederation of Indian Industry

# MAKE IT GROW

## Accelerate Industries and Innovations in Odisha

From Tech to Textiles, and beyond, the **Utkarsh Odisha - Make in Odisha Conclave 2025** will showcase the state's industrial prowess and future-ready, pro-business initiatives and microclimate.
Come, let's huddle together, network and collaborate, to create an Odisha that will be a force multiplier of economic and sustained growth and unbounded prosperity for all sections of society.



Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




Join The Incubation, Skilling And Start-up Ecosystem With:

Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha

BECOME A PART OF THE "VIKSIT ODISHA 2036" JOURNEY

# INVEST IN ODISHA, INVEST IN FUTURE

Networking Opportunities -B2G MEETINGS | Gala Cultural Events | 6 Thematic Sessions | Grand Make In Odisha Expo | 12 Sectoral Sessions | Vision Viksit Odisha 2036 Showcase

REGISTER NOW

Scan to Register

Visit us at https://mio.investodisha.gov.in

OIPR: 14005/13/0025/2425

# ଏମ୍‌ପିସି ସ୍ୱୟଂଶାସିତ କଲେଜ ଆଇସିଆଇସିଆଇ ବ୍ୟାଙ୍କର କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ

ବାରିପଦା, (ସବ୍ୟୁ) : ଏମ୍‌ପିସି ସ୍ୱୟଂଶାସିତ କଲେଜର କ୍ୟାରିୟର କାଉନସେଲିଂ ସେଲ୍ ତରଫରୁ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ ପ୍ରୋଗ୍ରାମ ଅୟୋଜିତ ହୋଇଯାଇଛି। ଏନ୍‌ଆଇଆଇଟି ସଂସ୍ଥା ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କ ରିଲେସନସିପ୍ ମ୍ୟାନେଜର୍ ପଦବୀ ନିମନ୍ତେ ଏକ କ୍ୟାରିୟର କାଉନସେଲିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ କ୍ୟାରିୟର କାଉନସେଲିଂ ସେଲର ସଂଯୋଜକ ଡଃ ସରୋଜ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶୈକ୍ଷିକ ମୁଖ୍ୟ ଡଃ ଆଲବେର୍ଟିନା ତିର୍କୀ ଆଭିମୁଖ୍ୟ ଭାଷଣରେ ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ନିଯୁକ୍ତିଦାତାଙ୍କ ମଧ୍ୟରୁ ଅଶୋକ କୁମାର ରାଉତ ନିଯୁକ୍ତି ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଅକ୍ଷୟ କୁମାର ସାହୁ ଆଇସିଆଇସିଆଇ ବ୍ୟାଙ୍କର ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ନିୟମାବଳୀ ଓ କ୍ୟାରିୟର ସୁଯୋଗକୁ ପ୍ରାଞ୍ଜଳ ଭାବରେ ଅବଗତ କରାଇବା ସହ ନିଯୁକ୍ତିଦାତାଙ୍କ ମଧ୍ୟରୁ ବିଶେଷଜ୍ଞ ଭାବରେ ରାହୁଲ ମଜୁମଦାର ଏବଂ ତାପସ କୁମାର ଭୁଜବଳ ଉପସ୍ଥିତ ରହି ନିଜସ୍ୱ ଭାଷଣରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ମାନସିକ ଦକ୍ଷତା ଓ ଇଂରାଜୀ ଭାଷାର ଦକ୍ଷତା ସମ୍ପର୍କିତ ଏକ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମର ପରିଚାଳନାରେ ଆଇକ୍ୟୁଏସି ଅଧିକାରୀ ଦେବାଶିଷ ଦାସ, କାଉନସେଲିଂ ସେଲର ସହ ସଂଯୋଜକ ଡଃ ରୂପସା ମହାପାତ୍ର, ଡଃ ଦୟାନିଧି ପରିଡ଼ା, ଡଃ ମହାଶ୍ୱେତା ମହାନ୍ତ, ଡଃ ପଙ୍କଜ କୁମାର ଜେନା ଏବଂ ଆସୁମଣି ମାର୍ଣ୍ଡି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ରାଇମଣି ମାର୍ଣ୍ଡି, ରୀନା ମୁର୍ମୁ ଓ ଛନ୍ଦିତା ବିଶ୍ୱାଳ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହିଥିବାବେଳେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# କାମାକ୍ଷାନଗର ଅଞ୍ଚଳରେ ୬୦ଟିକିଆ ହାତୀ ପଲଙ୍କ ଉପଦ୍ରବ

କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ। କିଛି ଦିନ ହେବ ୬୦ଟିକିଆ ହାତୀ ପଲଙ୍କ ଉପଦ୍ରବ ଯୋଗୁ ଚାଷୀ,ଗ୍ରାମବାସୀମାନଙ୍କ ନିଦ ହଜାଇ ଦେଇଛି। କାମାକ୍ଷାନଗର ସହର ନିକଟବର୍ତ୍ତୀ ଅଞ୍ଚଳରେ ହାତୀ ଆତଙ୍କ ହ୍ରାସ ପାଇବାର ନାଁ ଧରୁନାହିଁ। ସହର ଠାରୁ ମାତ୍ର ୫ କିଲୋମିଟର ଦୂର ପଲ୍ଲୀ ଗ୍ରାମ୍ୟ ଜଙ୍ଗଲରେ ଷାଠିଏ ଟିକିଆ ହାତୀପଲ ଗତକାଲି ଠାରୁ ରହିଥିବା ବେଳେ ଜଙ୍ଗଲ ଛାଡି ସହର ମୁହାଁ ହେଉଛନ୍ତି। ଗତକାଲି ସହର ନିକଟରେ ଥିବା ମାଳପୁରା ଗ୍ରାମ ନିକଟରେ ଓ ୫୩ ନମ୍ବର ଜାତୀୟ ରାଜପଥ ଉପରେ ହାତୀ ଆତଙ୍କ ଦେଖିବାକୁ ମିଳିଥିବା ବେଳେ ଆଜି ସକାଳୁ ମଧ ହାତୀ ଆତଙ୍କ ଜାରି ରହିଛି । ତିନିଟିକିଆ ହାତୀଙ୍କ ମଧ୍ୟରୁ ଦୁଇଟି ହାତୀ ଗତକାଲି ରାତି ଠାରୁ ଆଜି ପର୍ଯ୍ୟନ୍ତ ମାଳପୁରା ଓ ଜିରିଡାମାଳି ଗ୍ରାମ ନିକଟରେ ଥିବା ବେଳେ ଅନ୍ୟ ଦନ୍ତାଟି ରାଜକୁଳା କାଟେଣୀ ଗ୍ରାମ ନିକଟରେ ରହିଛି ।ଫଳରେ ଗତକାଲି ରାତି ତମାମ ଜିରିଡାମାଳି, ରାଜକୁଳା କାଟେଣୀ, ମାଳପୁରା, ନୀଳମାଧବପୁର ପ୍ରଭୃତି ଗାଁ ଗୁଡିକରେ ବିଦ୍ୟୁତ ସେବା ବନ୍ଦ ରହିଥିଲା



। ବନବିଭାଗ କର୍ମଚାରୀ ମାନେ ରାତିସାରା ହାତୀଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିବା ବେଳେ ହାତୀ ଗୁଡିକ ଜଙ୍ଗଲ ମଧ୍ୟକୁ ନଯାଇ ଗାଁ ନିକଟରେ ଥିବା ବିଲରେ ରହିଛନ୍ତି ।କାମାକ୍ଷାନଗର ସହର ଠାରୁ ମାତ୍ର ୫ କିଲୋମିଟର ଦୂରରେ ଗତ ଦୁଇଦିନ ଧରି ହାତୀ ଆତଙ୍କ ଜାରି ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳ ବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତିନିଟିକିଆ ହାତୀ ପଲ ଅନେକ ସ୍ଥାନରେ ଫସଲ ନଷ୍ଟ କରିଥିବା ବେଳେ ହାତୀଙ୍କ ଉତ୍ପାତ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି ।

## ମାପ ଓଜନ ଯୋଗାଣ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ

# ୪୩ ହଜାର ଟଙ୍କା ଜରିମାନା ଆଦାୟ

ତାଳଚେର, (ସବ୍ୟୁ) : ଆଜି ଖାଦ୍ୟ ନିରାପତା, ମାପ ଓଜନ ଓ ଯୋଗାଣ ବିଭାଗ ପକ୍ଷରୁ ଆତର୍କିତ ଚଢ଼ାଉ କରାଯାଇ ନଗଦ ୪୩ହଜାର ଟଙ୍କା ଜୋରିମନା ଆଦାୟ କରିଥିବା ଘଟଣା ଅସାଧୁ ବ୍ୟବସାୟୀଙ୍କ ମହଲରେ ଛନକା ଖେଳାଇ ଦେଇଛି। ଘଟଣାରୁ ପ୍ରକାଶ ଆଜି ତାଳଚେର ସହର ଠାରୁ ଆରମ୍ଭକରି ଏହାର ଆଖପାଖ ଅଂଚଳରେ ଡ଼େପୁଟି କଲେକ୍ଟର ମଧୁସ୍ମିତା ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ, ଯୋଗାଣ ବିଭାଗ ଓ ମାପଓଜନ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଆଜି ବିଭିନ୍ନ ସ୍ଥାନମାନଙ୍କରେ ଆର୍ତକିତ ଚଢ଼ାଉ କରଯାଇଥିଲା। ତେବେ ପୂର୍ବରୁ ବିଭିନ୍ନ ସୂତ୍ରରୁ ଅଭିଯୋଗ ପାଇ ଏହି ଅଧିକାରୀ ମାନେ ଆଜି ଚଢ଼ାଉ କରି କିଛି ହୋଟେଲରୁ ଏକାଧିକ ଘରୋଇ ଗ୍ୟାସ୍ ବ୍ୟବହାର କରୁଥିବା ଜବତ କରିଥିବା ବେଳେ ପଛାଷଢ଼ା ଖାଦ୍ୟକୁ ନଷ୍ଟି କରିବା ସହ ନଗଦ ୪୩ହଜାର ଟଙ୍କା ଜୋରିମନା ଆଦାୟ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ଶିଳ୍ପନଗରୀ ତାଳଚେର ଅଂଚଳରେ ଗ୍ରାହକଙ୍କ ଆଖିରେ ଧୂଳିଦେଇ ଅସାଧୁ ବ୍ୟବସାୟୀମାନେ ଠକି ବ୍ୟବସାୟ କରି ଲକ୍ଷାଧିକ ଟଙ୍କା କମାଉଥିବା ବେଳେ ଖାଦ୍ୟରେ ବିଷାକ୍ତ ରାସାୟନିକ ଦ୍ରବ୍ୟ ମିଶାଇ ପାଟିକୁ ସୁଆଦିଆ ଲାଗୁଥିବା ଖାଦ୍ୟ ପରଷି ଦେଇଥାନ୍ତି। ଫଳରେ ଗ୍ରାହାକ ମାନେ ବିଭିନ୍ନ ରୋଗର ଶୀକାର ହେଉଥିବା ଅଭିଯୋଗ ହୋଇଥାଏ। ସେହିଭଳି କିଛି ମାଛ ବେପାରୀ ମଧ ଓଜନମାପ, ପଛାମାଛ ଓ ମାଛରେ ଫୋରମାଲିନ୍ ମିଶାଇ ଥିବା ଅଭିଯୋଗ ହେଉଛି। ତେବେ ଏହା ସ୍ୱାସ୍ଥ୍ୟ ପକ୍ଷରରେ ନିଶ୍ଚିତ କ୍ଷତିକାରକ ହୋଇଥିଲେ ମଧ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କୁ ଚକମା ଦେଖାଇ ଜିଏସଷ୍ଟି ଓ ବିଭିନ କର ପୈଠ ନକରି ରାତାରାତି କୋଟିପତି ହେଉଥିବା ଅଭିଯୋଗ ହୋଇଥାଏ। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏସବୁକୁ ଦୃଷ୍ଟି ରଖି ବାରମ୍ବାର ଚଢ଼ାଉ କରାଗଲେ ଅସାଧୁ ବେପାରୀମାନେ ସାବାଡ଼ ହୋଇପାରିବା ସହ ଗ୍ରାହକମାନେ ମଧ ଏଥିରୁ ଆଶ୍ୱସ୍ତି ପାଇବେ ବୋଲି ସାଧାରଣରେ ଦାବି ହେଉଛି। ଏହି ଚଢ଼ାଉ ବେଳେ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଲିପ୍ସାରାଣୀ ରାଉତ, ଖାଦ୍ୟନିରାପତା ଅଧିକାରୀ ସୁମିତ ପରିଡ଼ା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମଦୁଆ ବାଇକଚାଳକ ଗିରଫ

ଠାକୁରଗଡ଼,(ସବ୍ୟୁ) : ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ଅଞ୍ଚଳରେ ଗୁରୁବାର ଦିନ ପୋଲିସ ପକ୍ଷରୁ ଗାଡି ମଟର ଯାଞ୍ଚ କରାଯାଇଛି । ଉଭୟ ପାର୍ଶ୍ୱ ରୁ ଆସୁଥିବା ସମସ୍ତ ବାଇକ ଗୁଡିକ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଲାଉଥିବା ଅଭିଯୋଗରେ ଗତି ପୁରୁଣାପାଣି ଅଞ୍ଚଳର ଅରବିନ୍ଦ ଦେହୁରି ଗିରଫ କରିଛି ପୋଲିସ । ଏ ନେଇ ନମ୍ବର ୨୨/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଅରବିନ୍ଦ ମଦ୍ୟପାନ କରି ଦ୍ରୁତ ଗତି ରେ ବାଇକ ଚଲାଉଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଆଠମଲ୍ଲିକ, (ସବ୍ୟୁ) : ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁଗୁଳ ଓ ଆଠମଲ୍ଲିକ ପୋଲିସର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ସଡ଼କ ସୁରକ୍ଷା ସମ୍ପର୍କିତ ଲେଖାଥିବା ବିଭିନ୍ନ ପ୍ଲା କାର୍ଡ ହାତରେ ଧରି ସହର ପରିକ୍ରମା କରିଥିଲେ । ସହର ପରିକ୍ରମା ସମୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନାରା ଦିଆ ଯାଇଥିଲା । ଏହି ଅବସରରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ ଟ୍ରାଫିକ ରମାକାନ୍ତ ନାୟକ , ଟ୍ରାଫିକ ଇନିସପେକ୍ଟର ସୁମନ୍ତ କୁମାର ସେଠୀ, ବସ ଆସୋସିଏସନ ସଭାପତି ପଞ୍ଚାନନ ମିଶ୍ର, ସମ୍ପାଦକ ଋଷଭ କୁମାର ତ୍ରିପାଠୀ, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ,ଏ ଏସ ଆଇ ମନୋଜ କୁମାର ସାହୁ, ଆର ଟି ଓ କାର୍ଯ୍ୟାଳୟ କର୍ମଚାରୀ ସୂର୍ଯ୍ୟ ମଣି ସାହୁ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଆଲୋକପାତ କରି। ସହିତ ବିଭିନ୍ନ ନିୟମା ବଳି ଉପରେ ବୁଝାଇଥିଲେ । ବସ ମାଲିକ ଜୟନ୍ତ କୁମାର ସାହୁ, ନୀତେନ କୁମାର ବେହେରା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶିକ୍ଷକ ପ୍ରଦୀପ ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

# ପ୍ରଦୂଷଣମୁକ୍ତ ଅନୁଗୁଳ ଦାବି ନେଇ ସ୍ୱେଚ୍ଛାସେବୀଙ୍କ ସାଇକେଲ ଶୋଭାଯାତ୍ରା

ଅନୁଗୁଳ,(ସବ୍ୟୁ) : ବୁଧବାର ଅନୁଗୁଳର ୧୭ ଜଣ ଯୁବ ସ୍ୱେଚ୍ଛାସେବୀ ପ୍ରଦୂଷଣମୁକ୍ତ ଅନୁଗୁଳ ଦାବି ନେଇ ଭୁବନେଶ୍ୱର ଯାତ୍ରା ଆରମ୍ଭ କରିଛନ୍ତି । ଜଗନ୍ନାଥ ମନ୍ଦିର ସମ୍ମୁଖରେ ବିଶିଷ୍ଟ ସମାଜସେବୀ କ୍ରିଷ୍ଣା ମହାନ୍ତି ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଗତ କିଛି ବର୍ଷ ଧରି ଅନୁଗୁଳ ଜିଲାରେ ଖଣି ଖାଦାନ ବଢ଼ି ଚାଲିଛି । ବଡ଼ବଡ଼ ଶିଳ୍ପ ସ୍ଥାପନ ହେଇଛିଛ ଏହାଦ୍ୱାରା ଏହି ଅଞ୍ଚଳର ମାଟି ପାଣି ପବନ ବିଷାକ୍ତ ହେଲାଣି । ପବନରେ କାରବନ ଡ଼ାଇ ଅକ୍ସାଇଡ, କାରବନ ମନୋକ୍ସାଇଡ ବାଷ୍ପ ସାଙ୍ଗକୁ କୁ ପାଣିରେ ମଧ୍ୟ କ୍ଷତିକାରୀ ପଦାର୍ଥ ରହିଛି । ଏହାଦ୍ୱାରା ଅନୁଗୁଳ ବାସୀଙ୍କ ସ୍ୱାସ୍ଥ୍ୟହାନି ଘଟୁଛି ଏବଂ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତି ହେଉଛନ୍ତି । ଏଣୁ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ କରାଯିବା, ଅଧିକ ଖଣି ଖାଦାନକୁ ଜିଲ୍ଲାରେ ଅନୁମତି ନଦେବା ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅନୁଗୁଳ ମେଡିକାଲକୁ ଅଧିକ ଡାକ୍ତର ଦେବା ଆଦି ଦାବିରେ ଅନୁଗୁଳ ସ୍ୱେଚ୍ଛାସେବୀ ମାନେ ଏକ ସାଇକଲ ଶୋଭାଯାତ୍ରାରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିବେ । ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ,ପ୍ରତାପ ମହାପାତ୍ର, ଆଦ୍ୟାଶ୍ଳୋକ ମିଶ୍ର, ମୋତିଲାଲ ଆର୍ଯ୍ୟ ଆଦି ସ୍ୱେଚ୍ଛାସେବୀ ମାନେ ନେତୃତ୍ୱ ନେଉଛନ୍ତି । ଯୋଗଗୁରୁ ଅଭୟ ରାୟ କାଉନସିଲର ସରିତା ମିଶ୍ର, ବ୍ରହ୍ମଜ୍ୟୋତି ମିଶ୍ର ଓ ସହର ବହୁ ବୁଦ୍ଧିଜୀବୀ ସ୍ୱେଚ୍ଛାସେବୀ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ଅନୁଗୋଳ ଜିଲ୍ଲା ବିକାଶ ପରିଷଦ ର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ମଧ ସ୍ୱେଚ୍ଛାସେବୀ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ଚାଷୀଙ୍କ ଆତ୍ମହତ୍ୟା ଧମକ ପରେ ମଣ୍ଡିରୁ ଉଠିଲା ଧାନ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଳଖାଳି ଧାନମଣ୍ଡି ବୁରୁଖୋଲା ତୋଟାରେ ଖୋଲା ଯାଇଛି । ସେଠାରେ ଖୋଳଖାଳି ପଞ୍ଚାୟତର ଚାଷୀମାନେ ଦୀର୍ଘ ୪ ଦିନ ହେଲା ଧାନ ରଖି ରାତି ଅନିଦ୍ରା ହୋଇ ଜଗି ରହିଥିଲେ ହେଁ ପ୍ରଶାସନ ଧାନ ଉଠାଉ ନଥିଲା। ଏପଟେ କଟନି ଛଟନି କରି ଧାନ ନେବା ପାଇଁ ଯୋଜନା ଚାଲିଥିଲା ବେଳେ ସେପଟେ ଚାଷୀଙ୍କ ଏକା ଜିଦ ଥିଲା ଯେ ଏଫଏକ୍ୟୁ ମାନ ଯାଞ୍ଚ କରି ଧାନ ନିଅ ନତୁବା ଆମେ ଧାନ ଦେବୁନାହିଁ । ଏହା ପରେ ଗତକାଲି ଆରଏମସି ଅଧିକାରୀ ଓ ଯାଞ୍ଚ କର୍ମଚାରୀ ପହଞ୍ଚି ଧାନର ମାନ ଯାଞ୍ଚ କରି ଏଫଏକ୍ୟୁ ମାନର ଧାନ ବୋଲି ରିପୋର୍ଟ ଦେଇଥିଲେ ହେଁ ଧାନ ଉଠି ନଥିଲା । ଏନେଇ ଚାଷୀମାନେ ହୋହାଲ୍ଲା କରିବା ପରେ ପୁଣି ଏଫଏକ୍ୟୁ ମାନ ଯାଞ୍ଚ କରାଯିବ ବୋଲି ସୋସାଇଟି କର୍ତ୍ତୃପକ୍ଷ ବାହାନା ଦେଖାଇ ଥିଲେ। ଫଳରେ ୪ ଦିନ ହେଲା ଅଖିଆ ଅପିଆ ହୋଇ ଧାନ କେବେ ଉଠିବ ବୋଲି ଆତୁର ହୋଇ ବସିଥିବା ଚାଷୀ ଉତକ୍ଷିପ୍ତ ହୋଇ ଉଠିଥିଲେ ଏବଂ ଧାନ ଉଠାଯାଉନଥିବାରୁ ନିରାଶ ହୋଇ ଚାଷୀ ସୌମେନ୍ଦ୍ର ସ୍ୱାଇଁ ଆଜି ଧାନ ନଉଠିଲେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବା ପାଇଁ ଧମକ ଦେବା ପରେ ଏମଆଇ ଚମ୍ପାଇ ମାରାଣ୍ଡି ଓ ଆରଏମସି ଅଧିକାରୀ ପହଞ୍ଚି ଧାନ ଉଠାଇବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଖୋଳଖାଳି ପଞ୍ଚାୟତର କୌଣସି ଚାଷୀ କଟନି ଛଟନିକୁ ରାଜି ନହୋଇ ଏଫଏକ୍ୟୁ ମାନ ଯାଞ୍ଚ କରି ଧାନ ଉଠାଯାଇ ଠିକ୍ ଅର୍ଥ ପୈଠ କରିବା ପାଇଁ ଏକଜୁଟ ହେବା ଫଳରେ ଧାନ ଉଠା ଆରମ୍ଭ ହୋଇଥିବା ଜଣାପଡିଛି ।

# ତହସିଲ କାର୍ଯ୍ୟାଳୟ ଘେରିଲା ଆଞ୍ଚଳିକ ସୁରକ୍ଷା ମଞ୍ଚ

ଅନୁଗୁଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖଣିକୁ ବିରୋଧ କରି ଛେଣ୍ଡିପଦା ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯାଇଛି । ମଞ୍ଚ ସଭାପତି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ପୋଡାପଡା, ହାଣ୍ଡିଗୋଡା, ମାଛକୁଟା ସାଲୁଇଖମଣ ଆଦି କ୍ଷତିଗ୍ରସ୍ତ ପ୍ରାୟ ୨ ହଜାରରୁ ଅଧିକ ପୁରୁଷ ମହିଳା ଛେଣ୍ଡିପଦା ଡାକବଙ୍ଗଳା ଠାରୁ ଏକ ବିରାଟ ରାଲିରେ ଆସି ତହସିଲ କାର୍ଯ୍ୟାଳୟ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାହାର ରାଜ୍ୟର କମ୍ପାନୀକୁ ଅଣାଯାଇ ଏଠାକାର ଲୋକଙ୍କ ଜମିକୁ ଶାଗମାଛ ଦରରେ ଅଧିଗ୍ରହଣ କରାଯାଉଛି । ବାରମ୍ବାର ପ୍ରତିବାଦ ସତ୍ତ୍ୱେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ଚଞ୍ଚକତା କରି ଜନ-ଜୀବନ ଓ ଜୀବିକା, ପରିବେଶ ରିବେଶର ବ୍ୟାପକ କ୍ଷତି କରିବାକୁ ବସିଛନ୍ତି । ଏ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବି ପତ୍ର ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କୁ ପ୍ରଦାନ କରାଯାଇଛି । ତେବେ ତହସିଲଦାର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ତହସିଲ କାର୍ଯ୍ୟାଳୟ ସାମ୍ନାରୁ ଧାରଣା ପ୍ରତ୍ୟାହୃତ ହୋଇଛି । ଏହି ଆନ୍ଦୋଳନରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସମ୍ପାଦକ ବିଶ୍ୱାମିତ୍ର ସାହୁ, ପରିବେଶବିତ ଡଃ ବିଶ୍ୱଜିତ, ଆଞ୍ଚଳିକ ସୁରକ୍ଷା ମଞ୍ଚ ସଦସ୍ୟା ସସ୍ମିତା ବେହେରା, ଏସୟୁସିଆଇ ନେତା ନବକିଶୋର ପ୍ରଧାନ, ଉଦୟନାଥ ବେହେରା, ବିଦ୍ୟାଧର ସାହୁ, ବିଜୟ ସାହୁ, ହଳଧର ସେଠୀଙ୍କ ସମେତ ପ୍ରାୟ ୨ ହଜାରରୁ ଅଧିକ ପୁରୁଷ ମହିଳା ସାମିଲ ହୋଇଥିଲେ ।

## ବଡହୁଲ୍ଲା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

ବଇଣ୍ଡା,(ସବ୍ୟୁ) : ଗାଁ ବଇଣ୍ଡା ପଞ୍ଚାୟତର ବଡହୁଲ୍ଲା ସ୍ୱପ୍ନେଶ୍ୱର ଜୀଉ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି.୧୦୦ମିଟର ଦୌଡ଼, ୪୦୦ମିଟର ଦୌଡ଼, ଜାଭଲିନ ଥ୍ରୋ, ମ୍ୟୁଜିକ ଚେୟାର ଇତ୍ୟାଦି ଖେଳ ହୋଇଥିଲା. ମୁଖ୍ୟ ଅତିଥି ଗଙ୍କଇ ଚେୟାରମ୍ୟାନ ଲିପିକା ପ୍ରଧାନ,ପ୍ରଧାନ ଶିକ୍ଷକ ମଧୁସୂଦନ ଦେହୁରୀ ଉପସ୍ଥିତ ଥିଲେ.ବାଳକ ବିଭାଗ ର ଭୋଳାଶଙ୍କର ଦେହୁରୀ ଚମ୍ପିୟାନ ହୋଇଥିଲେ,ବାଳିକା ବିଭାଗ ର ପୂଜା ଭୋଇ ଚମ୍ପିୟାନ ହୋଇଥିଲେ.ଖେଳ ଶିକ୍ଷକ ବରୁଣ କୁମାର ଦେହୁରୀ ଙ୍କ ସହ ସ୍କୁଲ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ. ।

# ଅନୁଗୋଳ ମହୋତ୍ସବର ସ୍ମରଣିକା କମିଟି ବୈଠକ

ଅନୁଗୋଳ, (ସବ୍ୟୁ) : ୨୦୨୫ ମସିହା ଫେବୃୟାରୀ ମାସ ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ଓ ସାହିତ୍ୟ ଆଲୋଚନାଚକ୍ର ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦନା ଦାୟିତ୍ୱ ନିର୍ବାହ କରୁଥିବା ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ, ଡ.ଇନ୍ଦିରା ଦାସ, ପ୍ରଫେସର ଶାନ୍ତନୁ କୁମାର ସର, ଡ.ଧରଣ ଧର ନାଥ, କୁମୁଦ ଚନ୍ଦ୍ର ଦାସ, ରାଧାକାନ୍ତ ମହାନ୍ତି, ସହକାରୀ ଜିଲ୍ଲାପାଳ ସୁକାନ୍ତ କୁମାର ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ଓ ସଂଗ୍ରାମ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସ୍ମରଣିକା ପାଇଁ ଇଚ୍ଛୁକ ଲେଖକ, ଲେଖିକାମାନେ ଆସନ୍ତା ଜାନୁୟାରୀ ୨୬ ତାରିଖ ସୁଦ୍ଧା ସଂକ୍ଷିପ୍ତ ପ୍ରବନ୍ଧ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟକୁ ଇ-ମେଲ cultureofficeangul@g-mail.com ଯୋଗେ କିମ୍ବା ସିଧାସଳଖ ପଠାଇପାରିବେ । ଏହି ପ୍ରବନ୍ଧ ଗୁଡିକ ଅନୁଗୋଳ ଜିଲ୍ଲାର ସାହିତ୍ୟ,ସଂସ୍କୃତି ଏବଂ ଐତିହ ସହ ଜଡ଼ିତ ଥିବା ଆବଶ୍ୟକ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓକିଲ ସଂଘ କାର୍ଯ୍ୟାଳୟକୁ ଦୁଇଜଣ ମନ୍ତ୍ରୀଙ୍କ ପରିଦର୍ଶନ

ଛତ୍ରପୁର, (ସବ୍ୟୁ): ଶୁକ୍ରବାର ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟକୁ ଓଡିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରମୁଖ ଗ୍ରସ୍ତ କରି ଓକିଲ ମାନଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରାରମ୍ଭରେ ମଧୁବାବୁଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଉଭୟ ମନ୍ତ୍ରୀ ଓ ବିଧାୟକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲେ ଏବଂ ଓକିଲ ସଂଘର ସମ୍ମିଳନୀ ଗୃହ ଓ ପାଠାଗାର ଗୃହ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ମନ୍ତ୍ରୀଙ୍କୁ ସଂଘର ସମ୍ପାଦକ ସୁରେଶ ପଟନାୟକ ଏକ ଦରଖାସ୍ତ ପ୍ରଦାନ କରିଥିଲେ। ମନ୍ତ୍ରୀ ଓକିଲ ସଂଘର ଅସୁବିଧା ହୃଦୟଙ୍ଗ କରି ଆବଶ୍ୟକୀୟ ଅନୁଦାନ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଉପସଭାପତି ଚୈତନ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ ଏବଂ ସମସ୍ତ ପଦାଧିକାରୀ ଓ ଓକିଲ ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହି ମନ୍ତ୍ରୀ ଓ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଅନୁଗୋଳ ଉଚ୍ଚ ବିଦ୍ୟାଳୟ ୧୯୯୭ ମାଟ୍ରିକ ବ୍ୟାଚ ବନ୍ଧୁମିଳନ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲାର ସର୍ବପୁରାତନ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ୧୯୯୭ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସତମାଇଲିସ୍ଥିତ ଓଡିନାଇଣ୍ଟିନ ହୋଟେଲ ପରିସରରେ ଥିବା ମଣ୍ଡପରେ ଆୟୋଜିତ ହୋଇଥିଲା । ଛାତଛାତ୍ରୀଙ୍କ ମଧ୍ୟରେ ବିଭିନ ପ୍ରକାର ପ୍ରତିଯୋଗିତା ଓ ପୁରସ୍କାର ବିତରଣ ହୋଇଥିଲା । ଭୁବନେଶ୍ୱରର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତେବେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ୧୯୯୭ ମାଟ୍ରିକ ବ୍ୟାଚର ଲଗାତାର ଭାବେ ସତ ବର୍ଷଧରି ଏହି କାର୍ଯ୍ୟକ୍ରମଟିକୁ ସଫଳ କରିଥିବାରୁ ପୁରାତନ ଛାତ୍ରଛାତ୍ରୀ ନିଲୁ ସାହୁ,ସତ୍ୟବ୍ରତ ସାହୁ, ବିଭୁତି ପଟ୍ଟନାୟକ,ସନ୍ତୋଷ ପ୍ରଧାନ,ଶ୍ରୀକୃଷ୍ଣ ବିଶ୍ୱାଳ, ସୁନୀଲ ସାହୁ,ରଞ୍ଜନ ପ୍ରଧାନ, ପ୍ରଦ୍ୟୁତ ପ୍ରଧାନ, ପ୍ରଦୀପ ପଟ୍ଟନାୟକ ଓ ତ୍ରିଲୋଚନ ପଣ୍ଡା ଙ୍କୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଏଭି ଜଗନ୍ନାଥ କ୍ଷେତ୍ରରେ ଦୁଇ ଦିବସୀୟ ପୁସ୍ତକ ମେଳା

ସାଉଥବଲଣ୍ଡା, (ସବ୍ୟୁ) : ଡ଼ିଏଭି ଜଗନ୍ନାଥ କ୍ଷେତ୍ରରେ ପୁସ୍ତକ ମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲେ। ଏମ.ସି.ଏଲ ଜଗନ୍ନାଥ କ୍ଷେତ୍ରର ଅନ୍ୟାନ୍ୟ ମାନ୍ୟଗଣ୍ୟ ଅଧିକାରୀ ମଧ୍ୟ ଉକ୍ତ ପୁସ୍ତକ ମେଳାରେ ଉପସ୍ଥିତ ଥିଲେ। ଏହି ମେଳାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅବିଭାବକ ମାନଙ୍କୁ ଯୋଗଦେବା ନିମନ୍ତେ ସୁଯୋଗ ଦିଆଯାଇଥିଲା। ପିଲାମାନଙ୍କର ଜ୍ଞାନର ବୃଦ୍ଧି ନିମନ୍ତେ ସମସ୍ତ ବିଭାଗରୁ ହଜାର ହଜାର ପୁସ୍ତକ ଏଠାରେ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀ ତଥା ସେମାନଙ୍କର ଅବିଭାବକ ଏହି ପ୍ରଦର୍ଶନୀକୁ ବୁଲି ମନପସନ୍ଦର ପୁସ୍ତକ ଗୁଡିକୁ କ୍ରୟ କରିବା ସହିତ ଭରପୁର ଆନନ୍ଦ ଉପଭୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଶୁକ୍ଲା ଚକ୍ରବର୍ତ୍ତୀ ପିଲା ମାନଙ୍କର ଜ୍ଞାନର ପରିସୀମା ବୃଦ୍ଧି ନିମନ୍ତେ ପୁସ୍ତକ ମେଳାର ଆୟୋଜନ କରି ସେମାନଙ୍କୁ ସୁଯୋଗ ଦେଇଥିବାରୁ ଅବିଭାବକମାନେ ଭୂୟସୀ ପ୍ରଶଂସା କରିଥିଲେ। କୁନିକୁନି ପିଲାମାନଙ୍କ ନିମନ୍ତେ ରଙ୍ଗବେରଙ୍ଗର ଶିକ୍ଷଣୀୟ ପୁସ୍ତକ,ବିଜ୍ଞାନ ଓ ଗଣିତର ବିଭିନ ବିଭାଗର ପୁସ୍ତକ,ମନୋରଞ୍ଜନ ଧର୍ମୀ ପ୍ରବନ୍ଧ ଓ କବିତା ପୁସ୍ତକ ପିଲାମାନଙ୍କର ଆବଶ୍ୟକ ସମୟରେ ମିଳୁନଥିବା ବେଳେ ଏଭଳି ପୁସ୍ତକ ମେଳାର ଆୟୋଜନ ବିଦ୍ୟାଳୟ ସ୍ତରରେ ଆବଶ୍ୟକ ବୋଲି ଅଧ୍ୟକ୍ଷା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଗ୍ରନ୍ଥଗାରିକ ସତ୍ୟଜିତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ପ୍ରଦର୍ଶନୀ ସୁଚାରୁ ରୂପେ ସମାପନ ହୋଇଥିଲା।

## ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

ସାଉଥବଲଣ୍ଡା,(ସବ୍ୟୁ) : ୧୫ ବର୍ଷ ବୟସ ବାଳକ ଆନ୍ତଃ କ୍ଲବ ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା -୨୦୨୫ ମୁଖ୍ୟମନ୍ତ୍ରୀ ଟ୍ରଫି ତାଳଚେର ଗ୍ରୀନ ଗ୍ରାସ ଷ୍ଟାଡ଼ିୟମ, ଲିଙ୍ଗରାଜ ଏରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉଦ୍ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଡେପୁଟି କଲେକ୍ଟର ବିକାଶ ଶବର ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଏ.କେ.ସିଠ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂସଦର ସଦସ୍ୟ କିଶୋର କୁମାର କର,ରମେଶ ଚନ୍ଦ୍ର ସାହୁ,ରୁଚିର କୁମାର ଦାସ,ଚୈତନ୍ୟ ପ୍ରଧାନ,ହରେଶ ଚନ୍ଦ୍ର ଦାସ,ନୟନ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଆଜିର ପ୍ରଥମ ଖେଳ ଏ.କେ. କ୍ଲବ(ପତକା)ଓ ଜେଏଫସି(ବାଗେଡ଼ିଆ)ମଧ୍ୟରେ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଅନୁଗୋଳ ଓ ଆଠମଲ୍ଲିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠମଲ୍ଲିକ ୪.୧ ରେ ବିଜୟୀ ହୋଇଥିଲା। ତାଳଚେର କ୍ରୀଡ଼ା ସଂସଦର ସମ୍ପାଦକ ପେସ୍କାର ଗଡ଼ନାୟକ ଏବଂ ଚନ୍ଦନ କୁମାର ପ୍ରଧାନ, କମଳ ଲୋଚନ ସାହୁ ଏଥିରେ ସହଯୋଗ କରିଥିଲେ ।

## ତାଳଚେରରେ କାଉ ମଡ଼କ

ତାଳଚେର,(ସବ୍ୟୁ) : ତାଳଚେର ପୌରାଚଂଳ ଅନ୍ତର୍ଗତ ଦୈନିକ ମାଛ ମାର୍କେଟ ମଧ୍ୟରେ ଆଜି ଦୁଇଟି କାଉ ମରି ପଡ଼ିଥିବା ସହିତ ଆଉ ଗୋଟିଏ କାଉ ଝୁମୁରୁଥିବା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥଲା। ତେବେ ଏହି କାଉ କେଉଁ କାରଣରୁ ଓ କିପରି ମଲେ ତାହା ତ ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ କିମ୍ବା ସେହି କାଉ ମଡ଼କ ସ୍ଥାନକୁ କୌଣସି ପ୍ରଶାସନିକ ଅଧିକାରୀ ପଂହଚି ନାହାଁ। ସେହି ଦୈନିକ ମାଛମାର୍କେଟ ନିକଟରେ କୁକୁଡ଼ା ଦୋକାନ ମଧ ରହିଛି। ତେବେ ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇ ଏହି କାଉ ମୃତ୍ୟୁବରଣ କରିଥାନ୍ତି, ତେବେ ଏହା କୁକୁଡ଼ା ଦୋକାନକୁ ବ୍ୟାପିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସେହିଭଳି ବିଗତବର୍ଷ ମାନଙ୍କ ଭଳି ଚଳିତବର୍ଷ ମଧ ଦେଉଳବେଡ଼ା ଡ଼ାକ୍ତରଖାନାର ଆଖପାଖ ଅଂଚଳରେ ଏକାଧିକ କାଉ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ଏବଂ କେତେକ କାଉ ନିସ୍ତେଜ ରହିଥିବା ମଧ ଦେଖା ଦେଇଥିଲା। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କାମାକ୍ଷାନଗର,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଗୁନେଇବିଲି ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ତିନିଦିନିଆ ଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୦ ଟି ମାଧ୍ୟମିକ ବିଦ୍ୟାଳୟ ର ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ଶିଶିର କାନ୍ତ ରାଉତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱମୋହନ ଜେନା, ଜିଲ୍ଲା ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଦେବରାଜ ପରିଡା, କାମାକ୍ଷାନଗର ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ସେବା ମନୋଭାବକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ୟୁନିଟ ଗୋଟିଏ ଲେଖା ପୋଷ୍ୟଗ୍ରାମ ଗ୍ରହଣ କରି ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ମତପ୍ରକାଶ ପାଇଥିଲା ।ଏହି ଅବସରରେ ତିନିଦିନ ବ୍ୟାପି ବକ୍ତୃତା ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ନୃତ୍ୟ, ଏକକ ଅଭିନୟ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲ୍ଲାର ବିଭିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଏକ ଶହ ଜଣ ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରିଥିବାର ଜଣାପଡିଛି।

# ନଷ୍ଟ ହେଉଛି ଆମ୍ବ ଗଛ, ରକ୍ଷଣାବେକ୍ଷଣ ହେଉନି

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଢୋଲ ପଞ୍ଚାୟତରେ ନିର୍ମାଣ ହୋଇଥିବା ଆମ୍ବ ବଗିଚାରେ ଲାଗିଥିବା ଆମ୍ବଗଛ ଗୁଡିକ ମରିଗଲାଣି । ରକ୍ଷଣାବେକ୍ଷଣ ସଠିକ ଭାବରେ ହେନଥିବା ଯୋଗୁଁ ଆମ୍ବଗଛ ଗୁଡିକ ନଷ୍ଟ ହୋଇ ଯାଉଛି । ପଞ୍ଚାୟତ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ଏଭଳି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଗଛ ଗୁଡିକୁ ସୁରକ୍ଷା ଯୋଗାଇ ଦେବା ପାଇଁ ବରଡିପ ଅଞ୍ଚଳର ଯୁବକ ମାନେ ଗୁରୁବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଯୋଜନା ମାଧ୍ୟମରେ ୨୦୨୪-୨୦୨୫ ବଷରେ ୪ ଲକ୍ଷ ଟଙ୍କା ଅଟକଳରେ ଆମ୍ବ ବଗିଚା ନିର୍ମାଣ କରାଯାଇ ଆମ୍ବଗଛ ଲଗାଯାଇଥିଲା । ଅକ୍ଟୋବର ୨୦୨୪ ମସିହାରେ ୩୮୦ ଟି କଲମ୍ବୀ ଆମ୍ବଗଛ ଲଗାଯାଇଥିଲା । ହେଲେ ଏଥି ମଧ୍ୟରୁ ଅନେକ ଗଛ ଏବେ ମରିଗଲାଣି , ଗଛ ଗୁଡିକୁ ଆବଶ୍ୟକ ପରିମାଣର ପାଣି ସହ ଔଷଧ ଦିଆଯାଉ ନଥିବା ଯୋଗୁଁ ଗଛ ଗୁଡିକ ନଷ୍ଟ ହୋଇଗଲାଣି । ଏହି ଅଞ୍ଚଳରେ କିଭଳି ଆମ୍ବ ଭଲ ଉତ୍ପାଦନ




ହେବ ସେ ଲକ୍ଷ କରି ଆମ୍ବ ବଗିଚା କରାଯାଇଥିବା ବେଳେ ଏବେ ନଷ୍ଟ ହେବାକୁ ବସିଲାଣି । ଗଛ ଗୁଡିକର ରକ୍ଷଣାବେକ୍ଷଣ ଦାଇ୍ ପଞ୍ଚାୟତ ବିଭାଗ ଅଧୀନରେ ଥିଲେ ମଧ ପଞ୍ଚାୟତ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ ନଥିବା ସାଧାରଣରେ ଅଭିଯୋଗ ହୋଇଛି । ଏ ପରିକି ଏହି ବଗିଚାରେ ଅନେକ ଥର ହାତୀ ସହ ବନ୍ୟଜନ୍ତୁ ପଶି ଆମ୍ବ ଗଛ ଗୁଡିକ ନଷ୍ଟ କରିଦେଇଥିବା ଜଣାପଡିଛି । ତୁରନ୍ତ ଏଥପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଏ ନେଇ ଟାପଢୋଲ ସରପଞ୍ଚ ଚନ୍ଦ୍ର ଶେଖର ସାହୁ କୁହନ୍ତି ଆମ୍ବ ବଗିଚାର ରକ୍ଷଣବେକ୍ଷଣ କରାଯାଉଛି । ଏହି ଅଞ୍ଚଳରେ ପାଣି ଅଭାବ ଯୋଗୁଁ ଗଛରେ ପାଣି ଦେବାରେ ଅସୁବିଧା ହେଉଛି ।

# କୋମଳମତି ଛାତ୍ରଛାତ୍ରୀଙ୍କ ନିବେଦନ

ତାଳଚେର,(ସବ୍ୟୁ) : ତାଳଚେର ପୌରପରିଷଦ ୧୦ନମ୍ବର ୱାର୍ଡ଼ ମଧ୍ୟରେ ରହିଥିବା ଦୁଇଟି ଅଙ୍ଗନାବାଡ଼ି କେନ୍ଦ୍ରକୁ ଲାଗି ରହିଛି। ଦୈନିକ ମାଛ ମାର୍କେଟ ଏହି ମାଛ ମାର୍କେଟର ବେପାରୀମାନେ ମାଛ ବିକ୍ରି କରିସାରି ମାଛର ଅଦରକାରୀ ଜିନିଷକୁ ସେହି ନିକଟରେ ଫୋପାଡ଼ି ଦେଉଥିବାରୁ ଅଂଚଳଟି ଦୁର୍ଗନ୍ଧରେ ନାକ ଫାଟି ପଡ଼ିଥାଏ ଓ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ। ଏଭଳି ଏକ ଅସ୍ୱାସ୍ଥ୍ୟକର ପରିବେଶରେ କମଳମତୀ ଛାତ୍ରଛାତ୍ରୀ ମାନେ କିପରି ଭାବେ ସେଠାରେ ଶିକ୍ଷାଗ୍ରହଣ କରିବେ ତାକୁ ନେଇ ଅଭିଭାବକ ଓ ଅଭିଭାବିକା ମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୌପରିଷଦକୁ ବାରମ୍ବାର ଅଭିଯୋଗ କଲେ ମଧ ଏଥିପ୍ରତି କେହି ହେଲେ



କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଭାବକମାନେ ବଡ଼ ଦୁଃଖର ସହ ଏହା ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କର ଏଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ କେନ୍ଦ୍ରଶିକ୍ଷା ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ମୋ ତାଳଚେର ପକ୍ଷରୁ ମନ୍ତ୍ରୀଙ୍କୁ ମଧ ଅନୁରୋଧ କରାଯାଇଛି।

(ଶ୍ରୀମଭଗବଦ୍ ଗୀତା ୧୧/୫୫)
-ବିଶ୍ୱରୂପଦର୍ଶନଯୋଗଃ-
(ଶ୍ରୀଭଗବାନୁବାଚ)

**ମତ୍‌କର୍ମ୍ମକୃନ୍ମତ୍‌ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ମୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥୫୫॥**

(ବର୍ତ୍ତମାନ ସର୍ବଶାସ୍ତ୍ରର ସାର ପରମ ରହସ୍ୟ ଶ୍ରବଣ କର)- ହେ ପଣ୍ଡବ ! ଯେ ମୋର ପ୍ରୀତି ନିମିତ୍ତ କର୍ମ କରନ୍ତି, ମୋଠାରେ ଆସକ୍ତ ରହନ୍ତି, ମୋର ଭକ୍ତ ହୁଅନ୍ତି, ସମସ୍ତ ସଂସର୍ଗ ତ୍ୟାଗ କରନ୍ତି ଏବଂ କୌଣସି ପ୍ରାଣୀଙ୍କଠାରେ ଶତ୍ରୁତା କରନ୍ତି ନାହିଁ, ସେହି ବ୍ୟକ୍ତି ମୋତେ ପ୍ରାପ୍ତ ହୁଅନ୍ତି । (ଆଉ କେହି ନୁହେଁ) ॥୫୫॥

# ଇସ୍ରାଏଲ-ହାମାସ ଚୁକ୍ତିର ଭବିଷ୍ୟତ?

ସମ୍ପାଦକୀୟ

ଇସ୍ରାଏଲ ଏବଂ ହାମାସ ଯୁଦ୍ଧ ସମାପ୍ତ ହେଲା । ୧୫ ମାସର ବିବାଦ, ଲଢେଇ, ଏତେ ସହଜରେ ସମାପ୍ତ ହେଇଯିବ ବୋଲି କେହି ବି ବିଶ୍ୱାସ କରୁ ନ ଥିଲେ । ଏହା ସମ୍ଭବ ହେଲା, ଡୋନାଲଡ ଟ୍ରମ୍ପଙ୍କ ପାଇଁ । ତାଙ୍କରି ଆଦେଶକୁ, ଉଭୟ ଦେଶ ନୀରବରେ ଗ୍ରହଣ କରି ନେଇଛନ୍ତି । ସମାନ କଥା ପାଇଁ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ ମେ ମାସରେ ପ୍ରସ୍ତାବ ଦେଇଥିଲେ, କିନ୍ତୁ ହାମାସ ଏବଂ ଇସ୍ରାଏଲ ଉଭୟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ଯାହା ହେଉନା କାହିଁକି, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପରେ ସମାନ ଚୁକ୍ତିକୁ ଗ୍ରହଣ କରିଛନ୍ତି ଯାହା ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ପୂର୍ବରୁ କାର୍ଯ୍ୟକାରୀ ହେବ । ଚର୍ଚ୍ଚା ଅନୁସାରେ, ଏହି ଚୁକ୍ତି ପାଇଁ, ଟ୍ରମ୍ପ କେବଳ ହାମାସକୁ ଧମକ ଦେଇନାହାନ୍ତି, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମଧ୍ୟ ବାଧ୍ୟ କରିଥିଲେ । ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟକଫଙ୍କ ସହ ନେତାନ୍ୟାହୁ ବୈଠକ ବେଶ ଉତ୍ତେଜନାପୂର୍ଣ୍ଣ ଥିଲା ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି । ୱିଟକଫ ଜଣେ ଆମେରିକୀୟ ଯୁହୂଦୀ ଏବଂ ରିଅଲ୍ ଇଷ୍ଟେଟ୍ ବ୍ୟବସାୟୀ ଯିଏ କୂଟନୈତିକ ପ୍ରୋଟୋକଲ ବିଷୟରେ ଅଧିକ ଚିନ୍ତା କରିନଥିଲେ ଏବଂ ରିପୋର୍ଟ ଅନୁଯାୟୀ ସେହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ପ୍ରତିବଦ୍ଧତା ପାଇଁ ଦାବି କରିଥିଲେ । ପ୍ରଥମ ପର୍ଯ୍ୟାୟରେ, ଇସ୍ରାଏଲ ଜନବସତି ଅଞ୍ଚଳରୁ ସେନା ପ୍ରତ୍ୟାହାର କରିବ, ଦକ୍ଷିଣ ଇସ୍ରାଏଲ ସୀମାନ୍ତ ଗାଜାର ଏକ କିଲୋମିଟର ଉପରେ ନିୟନ୍ତ୍ରଣ ବଜାୟ ରଖିବ । ଇସ୍ରାଏଲ ଫିଲାଡେଲଫି କରିଡର ଏବଂ ରାଫା କ୍ରସିଂରୁ ଧୀରେ ଧୀରେ ପ୍ରତ୍ୟାହାର କରିବାକୁ ରାଜି ହୋଇଛି - ଏହା ଗାଜାବାସୀଙ୍କୁ ଉତ୍ତର ଏବଂ ଗାଜାର ଅନ୍ୟାନ୍ୟ ଅଂଶରେ ଥିବା ନିଜ ଘରକୁ ଫେରିବାକୁ ଅନୁମତି ଦେବ । ତେବେ ଅଧିକାଂଶ ଘର ଏବଂ କୋଠା ବର୍ତ୍ତମାନ ମାଟିରେ ମିଶିଯାଇଛି କିମ୍ବା ବସବାସ କରିବା ଅବସ୍ଥାରେ ନାହିଁ । ତେବେ, ଏହି ଚୁକ୍ତି ଗାଜାବାସୀଙ୍କୁ ଅତ୍ୟନ୍ତ ଆବଶ୍ୟକୀୟ ମାନବିକ ସହାୟତା ଯଥା- ଖାଦ୍ୟ, ତମ୍ବୁ, ପାନୀୟ ଜଳ ଏବଂ ଔଷଧ ଉପଲବ୍ଧ ହେବାରେ ସହାୟକ ହେବ ଯାହା ପୂର୍ବରୁ ଇସ୍ରାଏଲୀ ନିୟନ୍ତ୍ରଣରେ ସୀମିତ ଭାବରେ ସେମାନଙ୍କ ପାଖରେ ପହଞ୍ଚୁଥିଲା । ହମାସ୍ ୫୦ ବର୍ଷରୁ ଅଧିକ ବୟସର ନାଗରିକ, ମହିଳା ଏବଂ ଶିଶୁ ସମେତ ୩୩ ଜଣ ବନ୍ଧକଙ୍କୁ ମୁକ୍ତ କରିବ । ଇସ୍ରାଏଲ ପ୍ରତ୍ୟେକ ନାଗରିକ ପାଇଁ ୩୦ ଜଣ ପାଲେଷ୍ଟାଇନୀଙ୍କୁ ଏବଂ ପ୍ରତ୍ୟେକ ମହିଳା ବନ୍ଧକ ପାଇଁ ୫୦ ଜଣ ପାଲେଷ୍ଟାଇନୀଙ୍କୁ ମୁକ୍ତ କରିବ । ଏହି ବିନିମୟ ପର୍ଯ୍ୟାୟ କ୍ରମେ ହେବ, ଏକାଥରକେ ନୁହେଁ । ପ୍ରଥମ ପର୍ଯ୍ୟାୟ ସମୟ ସୀମା ୪୨ ଦିନ ରଖାଯାଇଛି । ତା'ପରେ, ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪୨ ଦିନ ରଖାଯାଇଛି । ତୃତୀୟ ପର୍ଯ୍ୟାୟରେ ଗାଜା ପୁନଃନିର୍ମାଣ କରାଯିବା ନେଇ କାର୍ଯ୍ୟ ଆରମ୍ଭ ହେବ । ଏ ସମସ୍ତ ଶ୍ରେୟ ଡୋନାଲଡ ଟ୍ରମ୍ପଙ୍କୁ ଯାଉଛି ଯାହା ତାଙ୍କ ଶପଥ ଗ୍ରହଣର ଗୋଟିଏ ଦିନ ପୂର୍ବରୁ କାର୍ଯ୍ୟକାରୀ ହେବ ଏବଂ ଜଣେ କଠୋର ନେତା ଭାବରେ ତାଙ୍କ ଖ୍ୟାତିକୁ ସୁଦୃଢ଼ କରିବ । ଯୁଦ୍ଧବିରତିରେ ରାଜି ହେବା ଘଟଣାକୁ ଦକ୍ଷିଣପନ୍ଥୀ ଇସ୍ରାଏଲୀୟମାନେ ସହଜରେ ଗ୍ରହଣ କରିନାହାନ୍ତି, ଯଦିଓ ସେମାନେ ନଭେମ୍ବରରେ ଟ୍ରମ୍ପଙ୍କ ବିଜୟକୁ ସ୍ୱାଗତ କରିଥିଲେ । ତାଙ୍କର ପ୍ରଥମ କାର୍ଯ୍ୟକାଳରେ, ଟ୍ରମ୍ପ ତେଲ ଅଭିଭରୁ ଜେରୁଜେଲମକୁ ଆମେରିକୀୟ ଦୂତାବାସ ସ୍ଥାନାନ୍ତର କରିଥିଲେ ଏବଂ ୧୯୬୭ ମସିହାରେ ଆରବମାନଙ୍କ ସହିତ ଯୁଦ୍ଧ ପରେ ଇସ୍ରାଏଲ ଦ୍ୱାରା ଅଧିକୃତ ସିରିଆର ଅଞ୍ଚଳ ଗୋଲାନ ହାଇଟ୍ସ ଉପରେ ଇସ୍ରାଏଲର ସାର୍ବଭୌମତ୍ୱକୁ ସ୍ୱୀକୃତି ଦେଇଥିଲେ । ଯେତେବେଳେ ଟ୍ରମ୍ପ ଜଣେ ଇଭାଞ୍ଜେଲିକାଲ୍ ଖ୍ରୀଷ୍ଟିଆନ୍ ମାଇକ୍ ହୁକାବିଙ୍କୁ ଇସ୍ରାଏଲରେ ତାଙ୍କର ରାଷ୍ଟ୍ରଦୂତ ଭାବରେ ନିଯୁକ୍ତି ଘୋଷଣା କରିଥିଲେ, ସେତେବେଳେ ଅନେକ ଡାହାଣପନ୍ଥୀ ଇସ୍ରାଏଲୀୟମାନେ ଉତ୍ସାହିତ ହୋଇଥିଲେ, ବିଶେଷକରି ଯେଉଁମାନେ ଗାଜାରେ ନୂତନ ଇସ୍ରାଏଲୀୟ ବସତି ଚାହୁଁଥିଲେ । ମଧ୍ୟପ୍ରାଚ୍ୟରେ, ସେ ଚାହାଁନ୍ତି ଯେ ସାଉଦି ଆରବ ଇସ୍ରାଏଲକୁ ସ୍ୱୀକୃତି ଦେଉ, ଯାହା ତାଙ୍କ ପ୍ରଶାସନର ଏକ ବିରାଟ ସଫଳତା ହେବ । ଗାଜାରେ ଜାରି ରହିଥିବା ଯୁଦ୍ଧ ଏବଂ ଇସ୍ରାଏଲ ହାତରେ ପାଲେଷ୍ଟାଇନୀମାନଙ୍କ ଭୟଙ୍କର ଯନ୍ତ୍ରଣା ଯୋଗୁଁ, ସାଉଦି ଲୋକମାନେ ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ରଖିବାକୁ ପସନ୍ଦ କରୁ ନ ଥିଲେ । ତେବେ ଜାନୁଆରୀ ୧୯ ତାରିଖ ରବିବାର ଠାରୁ ଆରମ୍ଭ ହୋଇ ୪୨ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକ୍ରମ କେତେଦୂର ଶୃଙ୍ଖଳିତ ଭାବରେ ସମାପ୍ତ ହେବ, ତାହା ଏକ ବିରାଟ ପ୍ରଶ୍ନ । ଚୁକ୍ତି ଅନୁସାରେ, ତୃତୀୟ ଏବଂ ଶେଷ ପର୍ଯ୍ୟାୟରେ ଗାଜାର ପୁନଃନିର୍ମାଣ ହେବ, ଯାହାର ଭିତ୍ତିଭୂମି ଇସ୍ରାଏଲୀ ବୋମା ମାଡ଼ ଦ୍ୱାରା ଧ୍ୱଂସ ପାଇଛି । ଅତୀତରେ ପୁନଃନିର୍ମାଣ ପାଇଁ ପାଣ୍ଠି ଯୋଗାଇଥିବା ଆରବ ଦେଶମାନେ ଏଥର ଏହା କରିବାକୁ ଅନିଚ୍ଛୁକ ହେବେ ଯଦି ସେମାନେ ନିଶ୍ଚିତ ନ ହୁଅନ୍ତି ଯେ ଇସ୍ରାଏଲ ଏହାକୁ ପୁଣି ଧ୍ୱଂସ କରିବ ନାହିଁ । ଏହା ମଧ୍ୟ ସ୍ପଷ୍ଟ ନୁହେଁ ଯେ ବର୍ତ୍ତମାନ ଗାଜାକୁ କିଏ ଶାସନ କରିବ ? ଇସ୍ରାଏଲ ଉପରେ ହାମସ ଆକ୍ରମଣ ଯେତିକି ନିନ୍ଦନୀୟ ଥିଲା, ଇସ୍ରାଏଲର ସାମରିକ ଆକ୍ରମଣ ମଧ୍ୟ ସେତିକି ଭୟଙ୍କର ଓ ଅମାନବୀୟ ଥିଲା ଯାହା ହାମାସ ଏବଂ ଏହାର ସହଯୋଗୀ ହିଜବୁଲ୍ଲାର ସମସ୍ତ ଶୀର୍ଷ ନେତାଙ୍କୁ ନିପାତ କରିଦେଲା ଓ ସେମାନଙ୍କର ସାମରିକ ଭିତ୍ତିଭୂମିକୁ ନଷ୍ଟ କରିଦେଲା । ଏହା ସିରିଆରେ ମଧ୍ୟ ଶାସନ ପରିବର୍ତ୍ତନର କାରଣ ହୋଇଥିଲା, ଯେଉଁଠାରେ ବଶର ଅସାଦଙ୍କୁ ଦେଶ ଛାଡି ପଳାୟନ କରିବାକୁ ଏବଂ ରୁଷରେ ଆଶ୍ରୟ ନେବାକୁ ବାଧ୍ୟ କରାଯାଇଥିଲା । ଅସାଦଙ୍କ ପତନ ପରେ ହିଜବୁଲ୍ଲାର ମୁଖ୍ୟ ସମର୍ଥକ ଇରାନ ମଧ୍ୟ ଦୁର୍ବଳ ହୋଇଯାଇଛି । ହୁଏତ ଇସ୍ରାଏଲ ହାମାସ ଏବଂ ହିଜବୋଲ୍ଲାର ନେତୃତ୍ୱକୁ ଭାଙ୍ଗିବାରେ ଏବଂ ସେମାନଙ୍କର ଯୁଦ୍ଧାସ୍ତ୍ରକୁ ନଷ୍ଟ କରିବାରେ ସଫଳ ହୋଇଛି । କିନ୍ତୁ ଗାଜାରେ ଏହାର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଅମାନବୀୟ କାର୍ଯ୍ୟ ଅନ୍ତର୍ଜାତୀୟ ପ୍ରତିଛବିକୁ ମଧ୍ୟ ପ୍ରଭାବିତ କରିଛି ଏବଂ ବିଶ୍ୱବ୍ୟାପୀ ଆକ୍ରୋଶ ସୃଷ୍ଟି କରିଛି । ଏହାର ନିଷ୍ଠୁର ସାମରିକ ଅଭିଯାନ ଦ୍ୱାରା ଗାଜାରେ ୪୭,୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହେଇଛି, ଏହାର ୨.୩ ନିୟୁତ ଜନସଂଖ୍ୟାର ଅଧିକାଂଶ ବିସ୍ଥାପିତ ହେବାକୁ ବାଧ୍ୟ ହେଇଛନ୍ତି ଏବଂ ୮୦ ପ୍ରତିଶତରୁ ଅଧିକ ଆବାସିକ କୋଠା ନଷ୍ଟ ହେଇଯାଇଛି । ସାଧାରଣ ନାଗରିକ ଦୁର୍ଭିକ୍ଷ ପରି ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି । ସେମାନଙ୍କ ପାଇଁ, ଏହା ଗୋଟିଏ ଖୁସିର ଅବସର, କିନ୍ତୁ ଏହି ଖୁସି କେତେଦିନ ପାଇଁ, ତାହା ଏକ ଅସମାହିତ ପ୍ରଶ୍ନ ।

## ଆତ୍ମସନ୍ତୋଷ

ଯେଉଁ କାର୍ଯ୍ୟ କରି ମନୁଷ୍ୟ ଅଶେଷ ତୃପ୍ତିଲାଭ କରେ, ତାହା ହିଁ ସନ୍ତୋଷ । ଏହା ଏକ ଅବସ୍ଥା ବା ଭାବ । ସନ୍ତୋଷ ଦ୍ୱାରା ସୁଖ ଏବଂ ଶାନ୍ତି ପ୍ରାପ୍ତ ହୋଇଥାଏ । ମନ ପ୍ରସନ୍ନ ରହିଥାଏ । ମନ ତୃପ୍ତ ହେଲେ ଆତ୍ମାର ଆନନ୍ଦ ହୋଇଥାଏ । ତାହା ହିଁ ଆତ୍ମସନ୍ତୋଷ । ଜୀବନର ପ୍ରତିଟି କ୍ଷଣରେ ଧୈର୍ଯ୍ୟର ସହିତ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କଲେ ଆତ୍ମସନ୍ତୋଷ ପ୍ରାପ୍ତ ହୋଇଥାଏ । ଈର୍ଷା ଅହଙ୍କାର ଭଳି ନକରାତ୍ମକ ଭାବନା ମନେ ନ ରଖି ନିଜର କର୍ତ୍ତବ୍ୟ ପଥରେ ଆଗେଇଲେ ଆତ୍ମସନ୍ତୋଷ ମିଳିଥାଏ ଅବଶ୍ୟ । ଜୀବନରେ ସଂଘର୍ଷ ନ ଥିଲେ ଆତ୍ମସନ୍ତୋଷ ମିଳି ନ ଥାଏ । ଆତ୍ମସନ୍ତୋଷ ପ୍ରାପ୍ତ କରିବାକୁ ହେଲେ ସ୍ୱାବଲମ୍ବୀ ହେବାକୁ ପଡ଼ିବ ଏବଂ ସ୍ୱାବଲମ୍ବୀ ହେବାକୁ ହେଲେ ସଂଘର୍ଷ କରିବାକୁ ହୁଏ । ମଜୁରୀ ପାଉଥିବା ଲୋକଠାରୁ ସେବା, ତ୍ୟାଗ ଏବଂ ପରୋପକାରରୁ ମିଳୁଥିବା ଆତ୍ମସନ୍ତୋଷ ଜୀବନକୁ ଆହୁରି ରଙ୍ଗୀନ କରିଥାଏ । କିଛି ସତ୍ କାର୍ଯ୍ୟ କରି ଅନ୍ୟର ହୃଦୟକୁ ଜିଣିପାରିଲେ ଆତ୍ମସନ୍ତୋଷ ମିଳିଥାଏ । ଲୋଭରେ ଅନ୍ୟ କିଛି ବସ୍ତୁକୁ ପାଇବା ପାଇଁ ମନୁଷ୍ୟ ନିଜ ପାଖରେ ଥିବା ଅନେକ ଭଲ ଜିନିଷ ହରେଇ ଥାଏ । ଏ କ୍ଷେତ୍ରରେ ମନକୁ କଷ୍ଟ ଆସେ । କିନ୍ତୁ ଏହାରି ପଛରେ ସ୍ୱାର୍ଥ ଭଳି ବିକାର ଥାଏ । ଏଣୁ ପ୍ରଥମରୁ ଆମ ପାଖରେ ଥିବା ଜିନିଷରେ ହିଁ ଆମେ ତୃପ୍ତ ହେବା ଠିକ୍ । ଅନ୍ୟର କ୍ଷତିକରି କେବେ ମଧ୍ୟ ଆତ୍ମସନ୍ତୋଷ ପାଇବାର ଅଭିଳାଷ କରିବା ଅନୁଚିତ । କାରଣ କ୍ଷତି ବା ଅନିଷ୍ଟ କରିବାର କୁପ୍ରଭାବ ଦ୍ୱାରା ପରବର୍ତ୍ତୀ ସମୟରେ ନିଜକୁ ଅନେକ କଷ୍ଟ ମିଳିଥାଏ । ଲକ୍ଷ୍ୟ ହାସଲ ଦିଗରେ ଆତ୍ମସନ୍ତୋଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲକ୍ଷ୍ୟ ହାସଲ କରି ସାରିବା ପରେ ପ୍ରକୃତ ଆତ୍ମସନ୍ତୋଷ ମିଳେ ନାହିଁ, ନିଜ ପରିଶ୍ରମ ପ୍ରତି ଆତ୍ମସନ୍ତୋଷ ହେଲେ ଯାଇକି ଲକ୍ଷ୍ୟ ହାସଲ କରିପାରିବା ।

**ସନ୍ତୋଷ କୁମାର ଅଦାବର**
**ବୀରମହାରାଜପୁର,ସୁବର୍ଣ୍ଣପୁର,ମୋ-୯୭୭୭୯୧୦୭୨୮**

# ସନାତନର ଅମୃତ ଧାରା : ଦିବ୍ୟ ଆସ୍ଥାର ସଂଗମ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ବିଶ୍ୱର ସବୁଠୁ ବଡ଼ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ହେଉଛି ମହାକୁମ୍ଭ ମେଳା । ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ମହାଶିବରାତ୍ରି ଯାଏ ଚାଲିବାକୁ ଥିବା ଏହି ଦିବ୍ୟ, ଭବ୍ୟ ମେଳା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଓ ଏକତାର ପ୍ରତୀକ ମଧ୍ୟ । ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହେଉଥିବା କୁମ୍ଭମେଳା ଠାରୁ ଏହା ଭିନ୍ନ । ଏହା ପ୍ରତି ୧୪୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ । ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥଳରେ ଆୟୋଜିତ ହେଉଥିବାବେଳେ ଏହାର ଅନେକ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି ।

ସନାତନ ଶବ୍ଦର ସଂସ୍କୃତ ବ୍ୟାଖ୍ୟା ହେଉଛି ସଦ୍‌ଭାବ ଅର୍ଥାତ୍ ସର୍ବଦା ବିଦ୍ୟମାନ । ଯାହାର ମୂଳ ଅର୍ଥ ହେଉଛି ଯାହା ଅତୀତରେ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ । ହିନ୍ଦୁ କାଳ ଗଣନା ଅନୁସାରେ ମନ୍ୱନ୍ତର, କଳ୍ପ, ଚର୍ତୁଯୁଗ ଇତ୍ୟାଦିକୁ ହିସାବ କଲେ ଏ ସୃଷ୍ଟିର ପରମାୟୁ ଲକ୍ଷ ଲକ୍ଷ କୋଟି ବର୍ଷର, ଯାହାକୁ ଆଧୁନିକ ବିଜ୍ଞାନ ସେଭଳି ସ୍ୱୀକାର କରେନା । ଭାରତୀୟ ଧର୍ମ ସଂସ୍କୃତିକୁ ଅତୀତରେ ସନାତନ ଭାବରେ ନାମିତ କରାଯାଉଥିଲା । ତେବେ ଯାହା ହେଉ ଆମ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନଙ୍କର ଅବସ୍ଥିତି ଆଧୁନିକ ବୈଜ୍ଞାନିକମାନଙ୍କ ମତ ସହ ସମ୍ପୂର୍ଣ୍ଣ ମେଳ ନ ଖାଇଲେ ମଧ୍ୟ କେତେକ କ୍ଷେତ୍ରରେ ସାମଞ୍ଜସ୍ୟ ଦେଖାଯାଇଥାଏ ।

ଅମୃତ ଅମରତ୍ୱର ପ୍ରତୀକ । ଅମୃତ ପାନ କରି ଦେବତାମାନେ ଅମର ହୋଇଗଲା ଭଳି ହରିଦ୍ୱାର, ପ୍ରୟାଗ, ନାସିକ ଓ ଉଜ୍ଜୟିନୀ ପରି ଚାରି ସ୍ଥାନରେ ଥିବା ଧର୍ମ, ସଂସ୍କୃତି ମଧ୍ୟ ଅମର ହୋଇଯାଇଛି ବୋଲି ସନାତନୀମାନଙ୍କ ଦୃଢ଼ ବିଶ୍ୱାସ ରହିଛି । ବାସ୍ତବରେ ପୃଥିବୀରେ ସର୍ବତ୍ର ଧର୍ମ ଓ ସଂସ୍କୃତି ରାଜଆଶ୍ରିତ ହୋଇଥିବାବେଳେ ସନାତନ ସଂସ୍କୃତି ଋଷି ଆଶ୍ରିତ । ଭାରତ ବର୍ଷରେ ସନାତନୀମାନେ ଧାର୍ମିକ ଦୃଷ୍ଟିରୁ ବହୁମତ ସମ୍ପ୍ରଦାୟରେ ବିଭକ୍ତ । ପ୍ରାଚୀନ ସମ୍ପ୍ରଦାୟ ଭିତରେ ଶୈବ, ଶାକ୍ତ, ବୈଷ୍ଣବ, ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଗୌଡ଼ୀୟ, ଶାକାର, ନିରାକାର ଏଭଳି ବହୁ ମତବାଦୀଙ୍କ ସମ୍ପ୍ରଦାୟ ରହିଛି । ତେବେ ଏ ସବୁର ମୂଳ ହେଉଛି ପରମାତ୍ମାଙ୍କର ସାକ୍ଷାତକାର ।

ମହାକୁମ୍ଭ ପ୍ରାଚୀନ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗଭୀର ଜ୍ଞାନକୁ ଦର୍ଶାଏ । କୁମ୍ଭମେଳାର ଆୟୋଜନ ସ୍ଥଳ ଓ ସମୟ ଉଭୟକୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ କରାଯାଏ । ଆମ ପୂର୍ବପୁରୁଷ ନକ୍ଷତ୍ର ବିଜ୍ଞାନ ଓ ଜୈବିକ ପ୍ରଭାବର ଗହନ ଜ୍ଞାନର ଅଧିକାରୀ ଥିଲେ, କୁମ୍ଭମେଳା ତାର ଉଦାହରଣ ।

ଭୂଚୁମ୍ବକୀୟ ଉର୍ଜ୍ଜା ଆଧାରରେ କୁମ୍ଭମେଳା ଆୟୋଜନ ସ୍ଥଳ ଚୟନ କରାଯାଏ । ଏହି ସ୍ଥାନ, ବିଶେଷକରି ନଦୀ ସଂଗମ କ୍ଷେତ୍ରଗୁଡିକୁ ଆଧ୍ୟାତ୍ମିକ ବିକାଶର ଅନୁକୂଳ ମନେକରାଯାଏ । ପ୍ରାଚୀନ ମୁନିଋଷିମାନେ ଏ ସମସ୍ତ ସ୍ଥାନରେ ଧ୍ୟାନ, ଯୋଗ ଓ ଆତ୍ମିକ ଉନ୍ନତି ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ପବିତ୍ର ଘୋଷଣା କରିଥିଲେ । ବୈଜ୍ଞାନିକ କାରଣ ଦୃଷ୍ଟିରୁ ଦେଖିଲେ କୁମ୍ଭମେଳା ମାନବ ଶରୀର ଉପରେ ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ଉତ୍କୃଷ୍ଟ ସମୟ । ବାୟୋ ମ୍ୟାଗ୍ନେଟିଜମ୍ ଅନୁସାରେ ମାନବ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଏବଂ ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ ହୁଏ । କୁମ୍ଭରେ ସ୍ନାନ ଓ ଧ୍ୟାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକତା ଏହି ଉର୍ଜ୍ଜା ପ୍ରବାହରେ ନିହିତ ।

ଗ୍ରହଙ୍କ ସ୍ଥିତିର କେବଳ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି ତାହା ନୁହେଁ, ବୈଜ୍ଞାନିକ ଦୃଷ୍ଟିରୁ ଏହା ପୃଥିବୀ ଓ ମାନବ ଉପରେ ପଡୁଥିବା ପ୍ରଭାବକୁ ମଧ୍ୟ ଦର୍ଶାଏ । ବୃହସ୍ପତି, ସୂର୍ଯ୍ୟ ଓ ଚନ୍ଦ୍ରର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରେ । ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ନାନରେ ଆଧ୍ୟାତ୍ମ ଓ ବିଜ୍ଞାନର ସମନ୍ୱୟ ହୋଇଥାଏ ।

ସଂଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ ମେଳା । ସକଳ ପାପରୁ ମୁକ୍ତି ପାଇଁ, ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁ ପବିତ୍ର ମହାକୁମ୍ଭରେ ଏକାଠି ହୋଇଛନ୍ତି । କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଆସ୍ଥା, ସଂସ୍କୃତି, ପରମ୍ପରା ଓ ବିଜ୍ଞାନର ଅଦ୍ୱିତୀୟ ସଂଗମ । ନକ୍ଷତ୍ର ବିଜ୍ଞାନ, ଭୂଗୋଳ ଓ ଆଧ୍ୟାତ୍ମିକତାର ମିଳନ । ପ୍ରାଚୀନ ଭାରତର ଗହନ ବୈଜ୍ଞାନିକ ଓ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ପ୍ରତୀକ । କିମ୍ବଦନ୍ତୀ କହେ, ସମୁଦ୍ର ଉଚ୍ଛୁଳି ଯେଉଁଠି ଯେଉଁଠି ପଡ଼ିଥିଲା, ସେ ସମସ୍ତ ସ୍ଥାନରେ ଆୟୋଜିତ ହେଉଛି, ପବିତ୍ର କୁମ୍ଭ ମେଳା ।

ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗଦର୍ଶନ କରନ୍ତି । ମହାକୁମ୍ଭ ମେଳା ଆମକୁ ଏହି ଶିକ୍ଷା ଦିଏ । ବୈଦିକ କାଳ ଗଣନା ଅନୁସାରେ ପ୍ରତି ବାର ବର୍ଷରେ ଦେବତାମାନଙ୍କର ଦିନେ ହୁଏ । ତେଣୁ ବାର ବର୍ଷରେ ଥରେ କୁମ୍ଭମେଳା । ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି, ବାର, ନକ୍ଷତ୍ରର ମିଳନ ହୁଏ । ଏହାକୁ ଅମୃତ ମହାକୁମ୍ଭ କୁହାଯାଏ । ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ ରଖି ଆସୁଥିବ ।

**ସହ-ପ୍ରତିରତ୍ୱିକ, ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ-୯୪୩୭୦୫୧୯୫୭**

# ନିରବ ମହାମାରୀ ସାଜିଛି ସଡ଼କ ଦୁର୍ଘଟଣା

**ଡକ୍ଟର ତପନ କୁମାର ପାଳ**

ସଡ଼କ ସୁରକ୍ଷା ପାଇଁ କଡ଼ା ନିୟମ ରହିଛି, ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ହେଉଛି । ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି । ପ୍ରତିବର୍ଷ ସଡ଼କ ସୁରକ୍ଷା ମାସ ପାଳନ ଜରିଆରେ ଲୋକଙ୍କୁ ସରକାର ସଚେତନ ମଧ୍ୟ କରୁଛନ୍ତି । ଆଗକୁ ଆହୁରି ଦକ୍ଷ ଓ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ସରକାର କାମ ଆରମ୍ଭ କଲେଣି । ଏତେ ସବୁ ବିଧି ବ୍ୟବସ୍ଥା ସତ୍ତ୍ୱେ କିନ୍ତୁ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁ ନିରବ ମହାମାରୀ ଭଳି ମାଡ଼ି ଚାଲିଛି । ପ୍ରତିଦିନ ଦେଶରେ ସଡ଼କ ଦୁର୍ଘଟଣା ୪୦୦ ଜୀବନ ନେଉଥିବାବେଳେ ଓଡ଼ିଶାରେ ପ୍ରାୟ ୧୫ ଜଣ ପ୍ରାଣ ହରାଉଛନ୍ତି ।

ଏଭଳି ଆକସ୍ମିକ ବିପତ୍ତି କେବଳ ନିର୍ଦ୍ଦିଷ୍ଟ ପରିବାରକୁ ତଳିତଳାନ୍ତ କରୁନାହିଁ ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତିରେ ମଧ୍ୟ ବାଧା ସୃଷ୍ଟି କରୁଛି । ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ହାରାହାରି ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବାବେଳେ ତିନି ଗୁଣାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି । ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁ ଜାତୀୟ ହାରଠାରୁ ବି ଅଧିକ ହୋଇଗଲାଣି । ୨୦୨୩ରେ ୫୬୩୯ ଜଣଙ୍କ ମୃତ୍ୟୁ ହୋଇଛି, ଯାହା କି ଏ ପର୍ଯ୍ୟନ୍ତ ସର୍ବାଧିକ ମୃତ୍ୟୁ । ୨୦୨୩ରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ହାର ୬୩.୧ ପ୍ରତିଶତ ଥିବାବେଳେ ମୃତ୍ୟୁ ହାର୬୭.୭ ପ୍ରତିଶତ ରହିଛି । ଏହି ସମୟରେ ସହରାଞ୍ଚଳରେ ଏହି ହାର ଯଥାକ୍ରମେ ୩୬.୯ ପ୍ରତିଶତ ଓ ୩୨.୩ ପ୍ରତିଶତ ରହିଥିଲା । ପରିବହନ ବିଭାଗ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିଦିନ ହାରାହାରି ୧୬ଟି ଗୁରୁତର ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଦେଶରେ ତାହାର ପ୍ରଭାବ ଢ଼େର ଅଧିକ ରହୁଛି । ଓଡ଼ିଶାରେ ପ୍ରତି ୧୦୦ଟି ଦୁର୍ଘଟଣାରେ ୪୭ ଜଣ ପ୍ରାଣ ହରାଉଥିବା ବେଳେ ଜାତୀୟ ସ୍ତରରେ ଏହି ହାର ୩୭ ପ୍ରତିଶତ ରହିଛି । ଗତ ୧୦ ବର୍ଷ ମଧ୍ୟରେ ଜାତୀୟ ସ୍ତରରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଓଡ଼ିଶାରୁ ୩.୨ ପ୍ରତିଶତ ରହିଥିଲା । ୨୦୨୨ରେ ଓଡ଼ିଶାରେ ମୃତ୍ୟୁ ହାର ୪୬.୯ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୩୬.୫ ପ୍ରତିଶତ ରହିଥିଲା । ୨୦୨୦ରେ ଓଡ଼ିଶାରେ ମୃତ୍ୟୁ ହାର ୪୮.୩ ପ୍ରତିଶତ ଓ ଜାତୀୟ ସ୍ତରରେ ୩୬ ପ୍ରତିଶତ ଥିଲା । ୨୦୨୧ ଯଥାକ୍ରମେ ୪୬.୩ ପ୍ରତିଶତ ଓ ୩୭ ପ୍ରତିଶତ ରହିଥିଲା । ୨୦୨୪ରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାରର ସମ୍ପୂର୍ଣ୍ଣ ରିପୋର୍ଟ ସରକାରଙ୍କ ପକ୍ଷରୁ ଆସିନାହିଁ ।

ସଡ଼କ ଦୁର୍ଘଟଣା ଯୋଗୁଁ ଦେଶରେ ବର୍ଷକୁ ୧ଲକ୍ଷ ୭୮ ହଜାର ଲୋକ ପ୍ରାଣ ହରାଉଛନ୍ତି । ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବ ବର୍ଗ ଏବଂ ୬୦ ପ୍ରତିଶତଙ୍କ ବୟସ ୧୮ରୁ ୩୪ ବର୍ଷ ମଧ୍ୟରେ । ସଡ଼କ ଦୁର୍ଘଟଣା ପାଇଁ ମଦ୍ୟପାନ, ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦିକୁ ମୁଖ୍ୟତଃ ଦାୟୀ କରାଯାଇଥାଏ । ଜାତୀୟ ରାଜପଥ କାମ ନିର୍ଦ୍ଧାରିତ ସମୟ ଭିତରେ ଶେଷ ନ ହେବା ଫଳରେ ଗାଡ଼ି ଚାଳକମାନେ ଏକ ନିରାପଦ ଏବଂ ପରିଚ୍ଛନ୍ନ ରାସ୍ତା ପାଇ ପାରୁନାହାନ୍ତି, ଏଥିପାଇଁ ମଧ୍ୟ ଦୁର୍ଘଟଣା ଅନେକାଂଶରେ ବଢୁଛି । ଗାଡ଼ି ମଟର ସଂଖ୍ୟାର ଅତ୍ୟଧିକ ବୃଦ୍ଧି ମଧ୍ୟ ଦୁର୍ଘଟଣାର ଆଉ ଏକ କାରଣ ।

ଗାଡ଼ି ମଟର ସଂଖ୍ୟାକୁ ଚାହିଁ ରାସ୍ତାର ଓସାର ବା ପ୍ରଶସ୍ତ ଯଥେଷ୍ଟ ହେଉନି । କିନ୍ତୁ ଏକଥା ମଧ୍ୟ ସତ ଯେ ରାସ୍ତାର ସଂପ୍ରସାରଣ ବାରମ୍ବାର କରିବା ସମ୍ଭବ ନୁହେଁ । ତେଣୁ ଆମକୁ ହିଁ ଏଥିପ୍ରତି ସଜାଗ ହେବାକୁ ପଡ଼ିବ । ଯେତେ କମ୍ ଗାଡ଼ି ମଟର ବ୍ୟବହାର କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦେବାକୁ ହେବ । ଦୁର୍ଘଟଣାର ଆଉ ଏକ ମୁଖ୍ୟ କାରଣ ହେଉଛି ଦୁଶ୍ଚିନ୍ତା । ପ୍ରତିଟି କ୍ଷେତ୍ରରେ ମଣିଷର ଦୁଶ୍ଚିନ୍ତା ବଢ଼ିଛି । ପ୍ରାୟ ପ୍ରତି ମୁହୂର୍ତ୍ତରେ ବିଫଳତାର ସାମ୍ନା କରିବାର ଆଶଙ୍କା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି । ବିଭିନ୍ନ ପ୍ରକାର ବିଫଳତା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି । ତେଣୁ ଅନେକ ସମୟରେ ନିଜେ ଶୃଙ୍ଖଳିତ ଭାବେ ଗାଡି ଚାଳନା କରୁଥିଲେ ହେଁ ବା ଗାଡି ଚାଳକଙ୍କ କୌଣସି ତ୍ରୁଟି ନ ଥାଇ ମଧ୍ୟ ବେଳେ ବେଳେ ଅନ୍ୟ ଗାଡି ଚାଳକ ହୁଅନ୍ତୁ ବା ରାସ୍ତା ଉପରେ ବିଚରଣ କରୁଥିବା ପଶୁ ବା ଅନ୍ୟ କିଛି କିଛି କାରଣରୁ ମଧ୍ୟ ଦୁର୍ଘଟଣା ଘଟିଥାଏ ।

ଓଡ଼ିଶାର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ସ୍ଥିତି ଉଦ୍‌ବେଗଜନକ ରହିଛି । ୨୧ ପ୍ରତିଶତ ଘାତକ ଦୁର୍ଘଟଣାରେ ଭାରି ଯାନଯୋଗୁ ହୋଇଥାଏ । ଦୁର୍ଘଟଣା ପ୍ରବଣ କ୍ଷେତ୍ର ବ୍ଲାକସ୍ପଟର ମରାମତି, ସୂଚନାଫଳକ ଲଗାଇବା ଠାରୁ ଆରମ୍ଭ କରି ଜାତୀୟ ଓ ରାଜ୍ୟ ରାଜପଥର ସ୍ମାର୍ଟ କ୍ୟାମେରା ଅନେକାଂଶରେ ଲାଗିଛି । ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇଛି ।

ସଡ଼କ ଦୁର୍ଘଟଣାର ସବିଶେଷ ବିବରଣୀ ଅପଲୋଡ଼ ପାଇଁ ଇଣ୍ଟିଗ୍ରେଟେଡେ ରୋଡ଼ ଆକ୍ସିଡାଣ୍ଟ ଡାଟାବେସ ଭଳି ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଚଳିତ ବର୍ଷ ଆଇଆଇଟି ମାଡ୍ରାସ ଦ୍ୱାରା ପ୍ରସ୍ତୁତ ହୋଇଥିବା ଆଲାର୍ମ ସିଷ୍ଟମ ବାଣିଜ୍ୟିକ ଗାଡ଼ିରେ ବ୍ୟବହାର କରାଯିବା ବ୍ୟବସ୍ଥା ହୋଇଛି । ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ତିନି ବର୍ଷ ମଧ୍ୟର ୬୦ ଲକ୍ଷରୁ ଅଧିକ ଇ-ଚାଲାଣ କଟାଯାଇଛି । ସମୟ ସମୟରେ ପୁଲିସ ଓ ପରିବହନ ବିଭାଗ ଯାନ ବାହାନ ଯାଞ୍ଚ କରୁଛନ୍ତି । କିନ୍ତୁ ଏହା ସତ୍ତ୍ୱେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁରେ ରୋକ ଲାଗିପାରୁନାହିଁ । ସୁତରାଂ ଆମେ ସମସ୍ତଙ୍କୁ ରାସ୍ତାର ନିୟମ ପାଳନ କରି, ଗାଡି ଚାଳନା ବେଶ୍ ସତର୍କ ଭାବେ କରିବାକୁ ହେବ, ଯାହାଦ୍ୱାରା ଦୁର୍ଘଟଣାକୁ ଅନେକାଂଶରେ ହ୍ରାସ କରାଯାଇପାରିବ ଏବଂ ଅନେକଙ୍କୁ ମୃତାହତ ହେବାରୁ ରକ୍ଷା କରାଯାଇପାରିବ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,**
**ଷ୍ଟାଫ କଲୋନୀ, ଦେଉଳ ସାହି,**
**ତୁଳସୀପୁର, କଟକ**

# ଗର୍ଭାବସ୍ଥାରେ ରକ୍ତଚାପ ନିୟନ୍ତ୍ରଣ

**ଡାକ୍ତର ଶୁଭଶ୍ରୀ ମିଶ୍ର**

ମହିଳାମାନଙ୍କ ଜୀବନର ସବୁଠାରୁ ବଡ଼ ଆନନ୍ଦ ରହିଥାଏ ଗର୍ଭାବସ୍ଥାକୁ ନେଇ । ତେବେ ଗର୍ଭାବସ୍ଥାରେ ରକ୍ତଚାପ ସମସ୍ୟା ସେମାନଙ୍କ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥାଏ । ସବୁଠାରୁ ବଡ଼ କଥା ହେଉଛି ଅନେକ ମହିଳା ସେମାନଙ୍କ ଶରୀରରେ ଏହି ରକ୍ତଚାପ ସମସ୍ୟାଟିକୁ ଭଲ ଭାବେ ବୁଝି ପାରିନଥାନ୍ତି । ଅନେକଙ୍କ ଭିତରେ ଏହାକୁ ମାମୁଲି ଦୁର୍ବଳତା ଭାବି ପ୍ରାଥମିକ ଚିକିତ୍ସା କରିଥାନ୍ତି ଓ କେତେକଙ୍କ କ୍ଷେତ୍ରରେ ପରିସ୍ଥିତି ଜଟିଳ ହେବା ପରେ ସେମାନେ ଡାକ୍ତରଙ୍କୁ ଦେଖାଇବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଯାହାଦ୍ୱାରା ସମସ୍ୟାଟି ଦ୍ୱିଗୁଣିତ ହୋଇଯାଇଥାଏ ।

ହାଇପରଟେନସନ ବା ଉଚ୍ଚ ରକ୍ତଚାପ ହେଉଛି ଏଭଳି ଏକ ଶାରୀରିକ ଅବସ୍ଥା ଯେଉଁଥିରେ ରକ୍ତ ସଂଚାଳନ କରୁଥିବା ଧମନୀଗୁଡ଼ିକର ପାର୍ଶ୍ୱଭାଗରେ ରକ୍ତ ଅଧିକ ବଳ ପକାଇଥାଏ । ଏହି ଅବସ୍ଥା ହୃଦ୍‌ଘାତ ଓ ମସ୍ତିଷ୍କଘାତ ପରି ସ୍ୱାସ୍ଥ୍ୟ ସଂକଟ ଆଣିଥାଏ । ଗର୍ଭାବସ୍ଥା ବେଳେ ମହିଳାମାନଙ୍କ ଠାରେ ହାଇପରଟେନସନ ଦେଖାଦେବାର ଆଶଙ୍କା ଅଧିକ ଥାଏ, ଯାହାକୁ ପ୍ରିକ୍ଲାମ୍ପସିଆ ବା ଜେଷ୍ଟେସନାଲ ହାଇପରଟେନସନ କୁହାଯାଏ । ଏହାର ସୁପରିଚାଳନା ନ କଲେ ତାହା ଉଭୟ ଗର୍ଭବତୀ ଓ ଗର୍ଭସ୍ଥ ଭ୍ରୁଣ ପ୍ରତି ବିପଦ ସୃଷ୍ଟି କରିପାରେ ।

ପ୍ରିକ୍ଲାମ୍ପସିଆ ଦେଖାଦେଲେ କିପରି ଏକ ନିରାପଦ ତଥା ସୁସ୍ଥ ଗର୍ଭଧାରଣ ସହ କୌଣସି ପ୍ରକାର ସ୍ୱାସ୍ଥ୍ୟ ଜଟିଳତାକୁ ଦୂର କରିହେବ ସେ ସମ୍ପର୍କିତ କିଛି ସହଜ ଉପାୟ ବାବଦରେ ଆଲୋଚନା କରିବା ।

ପ୍ରଥମତଃ ଗର୍ଭାବସ୍ଥାର ନିୟମିତ ଡାକ୍ତରୀ ନିରୀକ୍ଷଣ କରାଇବା ଜରୁରୀ । ଏହାଦ୍ୱାରା ସମ୍ଭାବ୍ୟ ଉଚ୍ଚ ରକ୍ତଚାପ ବାବଦରେ ସୂଚନା ମିଳିପାରିବ ଏବଂ ତଦନୁଯାୟୀ ପ୍ରତିକାର ମଧ୍ୟ କରାଯାଇପାରିବ । ଘରେ ଥାଇ ମଧ୍ୟ ନିୟମିତ ରକ୍ତଚାପ ମାପିବା ଏକ ଭଲ ଅଭ୍ୟାସ । ଏହାଦ୍ୱାରା ଆଗୁଆ କୌଣସି ପ୍ରକାର ଅହେତୁକ ରକ୍ତଚାପ ବୃଦ୍ଧିକୁ ଠଉରାଇ ହେବ ଏବଂ ସମ୍ଭାବ୍ୟ ଜଟିଳତାକୁ ଦୂର କରିହେବ ।

ଗର୍ଭବତୀମାନେ ବିଭିନ୍ନ ଫଳମୂଳ, ପନିପରିବା ଓ ସମ୍ପୂର୍ଣ୍ଣ ଦାନାଯୁକ୍ତ ଶସ୍ୟ ସମ୍ବଳିତ ସୁଷମ ଖାଦ୍ୟ ଖାଇବା ଦରକାର । ଏହା ସମଗ୍ର ସ୍ୱାସ୍ଥ୍ୟରେ ଉନ୍ନତି ଆଣି ରକ୍ତଚାପକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ଗର୍ଭବତୀମାନେ କମ୍ ପରିମାଣର ଲୁଣ ଖାଇବା ଉଚିତ । କାରଣ ଲୁଣରେ ଥିବା ସୋଡ଼ିଅମ୍ ଖଣିଜର ସ୍ୱଳ୍ପତା ରକ୍ତଚାପ କମାଇବା ସହ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ । ପ୍ରଚୁର ପରିମାଣର ପାଣି ପିଇବା ଦ୍ୱାରା ରକ୍ତ ପ୍ରବାହ ସୁଗମ ହୋଇଥାଏ । ଗର୍ଭବତୀମାନେ ନିୟମିତ ମୃଦୁ ବ୍ୟାୟାମ କରିବା ଆବଶ୍ୟକ । ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ଏବଂ ରକ୍ତଚାପକୁ ନିୟମିତ କରିବା ସହ ମାନସିକ ଚାପ କମାଇଥାଏ ।

ସେହିପରି ଗଭୀର ଶ୍ୱାସକ୍ରିୟା ଓ ଦୈନିକ ଯୋଗାଭ୍ୟାସ ସହ ଯଥେଷ୍ଟ ପରିମାଣର ବିଶ୍ରାମ ଓ ନିଦ୍ରା ମଧ୍ୟ ଯିବା ଦରକାର । ସର୍ବୋପରି ଧୂମପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା ସହ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶରେ ନିର୍ଦ୍ଧାରିତ ଔଷଧ ସେବନ କରିବା ବାଞ୍ଛନୀୟ। ସବୁଠାରୁ ବଡ଼କଥା ହେଉଛି ସରକାରୀ ଡାକ୍ତରଖାନାରେ ଥିବା ସୁବିଧାର ସହାୟତା ନେବା ।

କୌଣସି ପରିସ୍ଥିତିରେ ମଧ୍ୟ ଦେଶୀ ଚିକିତ୍ସା ବା ତୁଟୁକା ତୁଟୁକି ଚିକିତ୍ସା ଠାରୁ ଦୂରେଇ ରହିବା ନିହାତି ଜରୁରୀ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,**
**ମୋ-୯୮୬୧୪୬୩୪୦୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**





ଭୁବନେଶ୍ୱର ପୋଖରୀପୁଟ ଠାରେ ଥିବା କଳାଭୂମି ପରିଦର୍ଶନ କରୁଛନ୍ତି ସିଙ୍ଗାପୁରର ରାଷ୍ଟ୍ରପତି ମିଷ୍ଟର୍ ଥର୍ମନ୍ ସନ୍ମୁଗରତ୍ନମ୍, ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଆମେରିକାର ସିନ୍ସିନାଟି ବିଶ୍ୱବିଦ୍ୟାଳୟ ସଭାପତିଙ୍କୁ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ




ଭୁବନେଶ୍ୱର (ସବ୍ୟୁ): ଆମେରିକାର ସିନ୍ସିନାଟି ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ନେଭେଲି ଜି ପିଣ୍ଟୋଙ୍କୁ ଆଜି କିସ୍ ପକ୍ଷରୁ ସମ୍ମାନଜନକ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଛି । ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ଗ୍ରହଣକରି ପିଣ୍ଟୋ ଶିକ୍ଷା ଓ ଜନଜାତିଙ୍କ ସଶକ୍ତିକରଣ କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ସେ କହିଲେ, ଶ୍ରୀ ସାମନ୍ତଙ୍କ ଦର୍ଶନ ଅନ୍ୟମାନଙ୍କ ପାଇଁ ପ୍ରକୃତରେ ପ୍ରେରଣାଦାୟୀ । କିସ୍‌ର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପିଣ୍ଟୋ କହିଲେ ଶ୍ରୀ ସାମନ୍ତ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ସେହି ସଫଳତା ହାସଲ କରିବା ପାଇଁ ତୁମ ପ୍ରତ୍ୟେକଙ୍କ ନିକଟରେ ଶକ୍ତି ରହିଛି । ଅନ୍ୟମାନଙ୍କ ପାଇଁ ଭଲ କରିବା ନିମନ୍ତେ ଜ୍ଞାନ ତୁମମାନଙ୍କୁ ଏହି ଶକ୍ତି ଯୋଗାଇଥାଏ । ଶ୍ରୀ ସାମନ୍ତଙ୍କ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କ ପାଇଁ ଆଲୋକ ବର୍ତ୍ତିକା ହେବା ଉଚିତ୍ ବୋଲି ସେ କହିଥିଲେ । ସିନ୍ସିନାଟି ବିଶ୍ୱବିଦ୍ୟାଳୟ ୨୦୦ବର୍ଷର ଏକ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୭ବର୍ଷରେ କିଟ୍ ଓ କିସ୍‌ର ଏଭଳି ଅଭିବୃଦ୍ଧି ଦେଖି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ବିଶ୍ୱର ଏକ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ସିନ୍ସିନାଟି ବିଶ୍ୱବିଦ୍ୟାଳୟର ନେତୃତ୍ୱ ନେଉଥିବା ପିଣ୍ଟୋଙ୍କ ଭଳି ଜଣେ ଭାରତୀୟ ବଂଶୋଦ୍ଭବ ଶିକ୍ଷାବିତ୍‌ଙ୍କୁ ସମ୍ମାନୀତ କରି ଆମେ ଗର୍ବିତ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିନ୍ସିନାଟି ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶିଳ୍ପପତିଙ୍କ ପରଲୋକ



ଭୁବନେଶ୍ୱର (ସବ୍ୟୁ): ସତ୍ୟନଗର ଅଞ୍ଚଳର ଶିଳ୍ପପତି ଶ୍ରୀ ନିଖିଳ ମହାନ୍ତି ଙ୍କ ୬୭ ବର୍ଷ ବୟସରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ସେ ଓଡ଼ିଶାର ପ୍ରତିଷ୍ଠିତ କୁକିସ୍ ବେକେରୀର ପ୍ରତିଷ୍ଠାତା ଥିଲେ । ସେ ବେକେରୀ ଶିଳ୍ପର ଅଗ୍ରଗତିରେ ବିଶେଷ ଭୂମିକା ନିର୍ବାହ କରିଥିଲେ । ସେ ବସନ୍ତପୁର ଶିରିଡ଼ି ସାଇ ଚାରିଟେବଲ ଟ୍ରଷ୍ଟର ସଭାପତି ଥିଲେ । ସିଏ ଜଣେ ଧର୍ମପରାୟଣ ଓ ମିସ୍ତଭାସି ଲୋକ ଥିଲେ । ପୁରୀର ସ୍ୱର୍ଗଦ୍ୱାର ଠାରେ ତାଙ୍କର ଏକ ମାତ୍ର ପୁତ୍ର ପ୍ରିୟଦର୍ଶୀ ମହାନ୍ତି ମୁଖାଗ୍ନି ଦେଇ ତାଙ୍କର ଶେଷ କୃତ ସମ୍ପର୍ଣ୍ଣ କରିଥିଲେ ।

## ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ

# ଜେମ୍‌ଷ୍ଟୋନ୍ ଜୁଏଲାରୀ ଫେଷ୍ଟିଭାଲ୍

ଭୁବନେଶ୍ୱର (ସବ୍ୟୁ): ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ଏହାର ସହିଦନଗର ସ୍ଥିତ ସୋରୁମ୍‌ରେ ଆରମ୍ଭ ହୋଇଛି ଜେମ୍‌ଷ୍ଟୋନ୍ ଜୁଏଲାରୀ ଫେଷ୍ଟିଭାଲ୍ । ଏହି ଅବସରରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଫେଷ୍ଟିଭାଲ୍ ସମୟରେ ଗ୍ରାହକମାନଙ୍କୁ ଜେମ୍‌ଷ୍ଟୋନ୍ ଓ ଅନ୍‌କଟ୍ ଜୁଏଲାରୀ ପାଇଁ ଗଢ଼ା ମଜୁରୀ ଉପରେ ୨୫ ପ୍ରତିଶତ ଏବଂ ପୋଲ୍‌କି ଅଳଙ୍କାର ଷ୍ଟୋନ୍ ମୁଲ୍ୟ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ । ପାରମ୍ପାରିକ ଓ




ବ୍ୟବସ୍ଥା ରହିଛି । ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ଫେଷ୍ଟିଭାଲ୍ ଆସନ୍ତା ଫେବୃୟାରୀ ୧୬ତାରିଖ ପର୍ଯ୍ୟନ୍ତ ଚାଲିବ । କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସୁନା ଏବଂ ମୁଲ୍ୟବାନ୍ ଜେମ୍‌ଷ୍ଟୋନ୍, ଅନ୍‌କଟ୍ ଡାଏମଣ୍ଡ ଏବଂ ପୋଲ୍‌କି ଅଳଙ୍କାରମାନ ଏହି ଫେଷ୍ଟିଭାଲ୍‌ରେ ସ୍ଥାନ ପାଇଛି । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଅଭିନେତ୍ରୀ ମିସ୍ ମିଠି ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ୍‌ର ଶୁଭାରମ୍ଭ କରିଛନ୍ତି । ସମସାମୟିକ ଡିଜାଇନ୍ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏରା, ପ୍ରେସିଆ ଏବଂ ଭାଇରାଜ୍ ପ୍ରଭୃତି ଅଳଙ୍କାର ଉପରେ ଏହିସବୁ ଅଫର ଉପଲବ୍ଧ । ଫେବୃୟାରୀ ୧୬ତାରିଖ ପର୍ଯ୍ୟନ୍ତ ଗ୍ରାହକମାନେ ଏହିସବୁ ଅଫରର ଫାଇଦା ନେଇପାରିବେ । ଗ୍ରାହକମାନେ ମାତ୍ର ୧୦ ପ୍ରତିଶତ ଅଗ୍ରୀମ ଦାଖଲ କରି ନିଜର ମନପସନ୍ଦର ଅଳଙ୍କାର ବୁକିଂ କରିପାରିବେ । ୧୦୦ ପ୍ରତିଶତ ଏଚ୍‌ୟୁଆଇଡି ହଲ୍ ମାର୍କିଂ ଏବଂ ସମସ୍ତ ଅଳଙ୍କାରର ସଂପୂର୍ଣ୍ଣ ଶୁଦ୍ଧତାର ଗ୍ୟାରେଣ୍ଟି ଦେବାରେ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପ୍ରଥମ ଜୁଏଲର ଅଟେ । ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି ଅହମ୍ମଦ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ, ବିଶ୍ୱସନୀୟତା, ସ୍ୱଚ୍ଛତା ଏବଂ ମାନରକ୍ଷା ବଜାୟ ରଖିବା ଦିଗରେ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ସବୁଠୁ ବିଶ୍ୱସ୍ତ ଜୁଏଲରର ମାନ୍ୟତା ହାସଲ କରିଛି । ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ୍ ଆୟୋଜନ ଅବସରରେ ସହିଦନଗର, ଚନ୍ଦ୍ରଶେଖରପୁର, କଟକ ଏବଂ ସମ୍ବଲପୁର ସ୍ଥିତ ସମସ୍ତ ସୋରୁମ୍‌ରେ ଏହିସବୁ ଅଫର ଉପଲବ୍ଧ ହେଉଛି । ସୁନା ଅଳଙ୍କାର ତିଆରି ଠାରୁ ଆରମ୍ଭ କରି ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇବା ପର୍ଯ୍ୟନ୍ତ ସ୍ୱଚ୍ଛତା ଅବଲମ୍ବନ ପାଇଁ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି ।

# ବୈଦ୍ୟୁତିକ ଠିକାଦାର ମହାସଂଘର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,(ସବ୍ୟୁ) ନିଖିଳ ଓଡ଼ିଶା ବେଦ୍ୟୁତିକ ଠିକାଦାର ମହାସଂଘର ବାର୍ଷିକ ଅଧିବେଶନ ଓ ଡାଇରୀ –୨୦୨୫ ଉନ୍ମୋଚନ ସମାରୋହ ଶୁକ୍ରବାର ସ୍ଥାନୀୟ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ଏକମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଏବଂ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ରାଜ୍ୟର ବିଦ୍ୟୁତ ପରିବହନ, ବଣ୍ଟନ ଓ ପରିଚାଳନା ତଥା ବେଦ୍ୟୁତିକ କାର୍ଯ୍ୟକ୍ଷେତ୍ରରେ ଠିକାଦାରମାନଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଏହାବ୍ୟତୀତ ସାମାଜିକ କ୍ଷେତ୍ରରେ ଠିକାଦାରଙ୍କ ଦାତବ୍ୟ କାର୍ଯ୍ୟାନୁଷ୍ଠାନର ତୁଳନାତ୍ମକ ବିବରଣୀ ପ୍ରଦାନ କରବା ସହ ରାଜ୍ୟର ସ୍ୱାର୍ଥରେ ସେମାନଙ୍କର ପ୍ରଶଂସନୀୟ ଅବଦାନର ଅବତାରଣା କରିଥିଲେ । ସଭାରେ ସଂଘ ସଭାପତି ଆଶୀଷ କୁମାର ସୋମ ଅଧକ୍ଷତା କରିଥିଲେ ଓ ସମ୍ପାଦକ ଭଗବାନ ବିଶ୍ୱାଳ, ଉପସଭାପତି ଚନ୍ଦନ କୁମାର ଶତପଥୀ, ଉପ ସାଧାରଣ ସମ୍ପାଦକ ଶୁଭକାନ୍ତ ସାମନ୍ତସିଂହାର ପ୍ରମୁଖ ଉଦବୋଧନ ଦେଇ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଠିକାଦାରଙ୍କ ପକ୍ଷରୁ ବିନାଦେୟରେ ପ୍ରଦାନ କରାଯାଉଥିବା ସୁଷମ ଖାଦ୍ୟବଣ୍ଟନ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଅବସରପ୍ରାପ୍ତ ବରିଷ୍ଠ ବୈଦ୍ୟୁତିକ ଯନ୍ତ୍ରୀ କାଶୀବିଶ୍ୱନାଥ ଚୌଧୁରୀ, ରବୀନ୍ଦ୍ରନାଥ ସାହୁ, କ୍ଷୀରୋଦ କୁମାର ମହାପାତ୍ର, ° ସୀତାପ୍ରସାଦ ଦାସ, ସୁକାନ୍ତ କୁମାର ସ୍ୱାଇଁ, ତରୁଣ ବଲ୍ଲଭ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଶିଶିର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବାଶାଙ୍କୁ ରଣପୁର ପ୍ରତିଭା ସମ୍ମାନ



କଟକ, (ସ୍ୱପ୍ର) : ରଣପୁର ମହୋତ୍ସବରେ ଆଇନ ସ୍ନାତକୋତ୍ତର ଡିଗ୍ରୀରେ ସ୍ୱର୍ଣ୍ଣପଦକ ବିଜୟିନୀ ଅଧିବକ୍ତା ପୂର୍ବାଶା ପ୍ରିୟଦର୍ଶିନୀ ସାମନ୍ତରାୟଙ୍କୁ ରଣପୁର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ରଣପୁରର ପ୍ରସିଦ୍ଧ ବାଘ ସାମନ୍ତ ପଡ଼ିଆଠାରେ ଆୟୋଜିତ ମହୋତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲାପାଳଙ୍କ ଧର୍ମପତ୍ନୀ ଡାକ୍ତର ଅନାପ୍ତି ଗର୍ଗ, ରଣପୁର ଏନ୍.ଏ.ସି. ଅଧ୍ୟକ୍ଷ ରଙ୍ଗୀନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୂର୍ବାଶାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାଶା ଏଲ୍.ଏଲ୍.ଏମ୍.ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି । ପୂର୍ବରୁ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତା ହୋଇଥିବା ପୂର୍ବାଶା ଜଣେ କଣ୍ଠଶିଳ୍ପୀ ଓ ହିନ୍ଦୁସ୍ତାନୀ ସଂଗୀତରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ପୂର୍ବାଶା ସଂପ୍ରତି ରୁଚି ମସଲା ଉଦ୍ୟୋଗର ଆଇନ ବିଭାଗର ସହକାରୀ ପ୍ରବନ୍ଧକ ଭାବେ କାର୍ଯ୍ୟରତ ।

# ହାଇଦ୍ରାବାଦ୍ ତୁଫାନ୍ସ ଠାରୁ ହାରିଲା କଳିଙ୍ଗ ଲାନ୍‌ସର୍ସ

ଭୁବନେଶ୍ୱର (ସବ୍ୟୁ): ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମଠାରେ ଚାଲିଥିବା ହୀରୋ ହକି ଇଣ୍ଡିଆ ଲିଗ୍‌ର ଷଷ୍ଠ ମ୍ୟାଚ୍‌ରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ, ହାଇଦ୍ରାବାଦ୍ ତୁଫାନ୍ ଠାରୁ ହାରିଯାଇଛି । କଳିଙ୍ଗ ଲାନ୍‌ସର୍ସ ପୂର୍ବରୁ ଶ୍ରାଚିରର ବେଙ୍ଗଲ ଟାଇଗର୍ସକୁ ୬–୦ ଏବଂ ଟିମ୍ ଗୋନାସୀକାକୁ ୨୦୧ ଗୋଲ୍‌ରେ ହରାଇ ୭ ପଏଣ୍ଟ ହାସଲ କରିଛି । ରବିବାର ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ଅଙ୍ଗଦବୀର ସିଂହଙ୍କ ଏକ ପେନାଲ୍ଟି କର୍ଣ୍ଣରକୁ ଆଲେକ୍‌ଜାଣ୍ଡର ହେଣ୍ଡରିକ୍ସ ଗୋଲ୍‌ରେ ପରିବର୍ତ୍ତନ କରିଥିଲେ । ପରେ ତୁଫାନ୍ସ ପକ୍ଷରୁ ଗୋଞ୍ଜାଲୋ ପେରିଲାଠ୍ ଏକ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ୍ ଦେଇ ସ୍ଥିତିକୁ ବରାବର କରିଥିଲେ । ମାଇକୋ କାସେଲା, ପେଇଲାଟ୍ ଟିମ୍ ବ୍ରାଣ୍ଡ ଓ ଅର୍ସଦିପ୍ ସିଂହ ଗୋଲ୍ ସ୍କୋର କରିଥିଲେ । କଳିଙ୍ଗ ଲାନ୍‌ସର୍ସର କୋଚ୍ ଭାଲେଣ୍ଟିନ୍ ଅଲ୍‌ଟେନ୍‌ବର୍ଗ କହିଛନ୍ତି ଆମ ଖେଳାଳୀମାନେ ଅନେକ ତ୍ରୁଟି ଓ ଭୂଲ୍ କରିଥିଲେ । ରବିବାର ସେମାନଙ୍କର ପ୍ରଦର୍ଶନ ଆଦୌ ଭଲ ନଥିଲା । ସମୁଦାୟ ଖେଳରେ ଆମେ ଆମକୁ ଅନେକ ପେନାଲ୍ଟି କର୍ଣ୍ଣରର ସୁଯୋଗ ମିଳିଥିଲା । କିନ୍ତୁ ଆମେ ତାହାକୁ ଗୋଲ୍‌ରେ ପରିବର୍ତ୍ତନ କରିପାରିନଥିଲୁ ବୋଲି ସେ କହିଛନ୍ତି ।

## ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଓ କଟକ କ୍ଷେତ୍ର ପକ୍ଷରୁ

# ପ୍ରବାସୀ ଭାରତୀୟ ଗ୍ରାହକ ସମ୍ମିଳନୀ




ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଓ କଟକ କ୍ଷେତ୍ର ପକ୍ଷରୁ ଏକ ପ୍ରବାସୀ ଭାରତୀୟ ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ପ୍ରତିଷ୍ଠାତା ସୱାଜିରାଓ ଗାଏକୱାଡ଼୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଉପ–ମହାପ୍ରବନ୍ଧକ ଏସ୍ .ପି ନାୟକ (ବିଜିନେସ ଡେଭଲପମେ) ଏବଂ ଉପ–ମହାପ୍ରବନ୍ଧକ ଏ.ପି ଦାସ (କମ୍ପ୍ଲିୟାନ୍ସ ଆଣ୍ଡ୍ ଆସ୍ୟୁରାନ୍ସ)ଙ୍କ ସମେତ ଅଞ୍ଚଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପ ମହାପ୍ରବନ୍ଧକ ତଥା ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁ ଏବଂ ସହାୟକ ମହାପ୍ରବନ୍ଧକ ତଥା କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ଏଥିରେ ଯୋଗଦାନ କରିଥିବା ସହିତ କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଗଣ ଓ ଶାଖା ମୁଖ୍ୟ ମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ବିଶ୍ୱର ବିଭନ୍ନ ସ୍ଥାନରୁ ଅସିଥିବା ପ୍ରବାସୀ ଭାରତୀୟମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର ଅଭିବୃଦ୍ଧିରେ ପ୍ରବାସୀ ଭାରତୀୟ ଗ୍ରାହକଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବ୍ୟାଙ୍କ ଅଫ୍ ବରୋଦାର ନୂତନ ଭାବେ ଆରମ୍ଭ ହୋଇଥିବା ଏନ୍‌ଆର୍‌ଆଇ ମାଷ୍ଟରଷ୍ଟ୍ରୋକ୍ ଆକାଉ ଏବଂ ଟ୍ୟୁଲିପ ପ୍ରଡକ୍ଟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ପ୍ରବାସୀ ଭାରତୀୟ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିଥିଲା। ପ୍ରବାସୀ ଭାରତୀୟ ଗ୍ରାହକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ କାର୍ଯ୍ୟକ୍ରମ ପରିସମାପ୍ତି ହୋଇଥିଲା।

# ଆଦିତ୍ୟ ଆଲୁମିନିୟମର ବଲକରସ ଓ ଚାର୍ଜିଂ ଷ୍ଟେସନ ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ଆଲୁମିନିୟମ ତାହାର ଲପଙ୍ଗାସ୍ଥିତ କାରଖାନାରୁ ଫ୍ଲାଏ ଆଶ ନିକଟସ୍ଥ ସିମେଣ୍ଟ ପ୍ଲାଣ୍ଟକୁ ଯୋଗାଣ ନିମନ୍ତେ ଏକ ୫– ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛି। କମ୍ପାନୀ ମଧ୍ୟ ଫ୍ଲାଏ ଆଶ ବୋଝେଇ ସ୍ଥଳ ନିକଟରେ ଦୁଇଟି ବଲକ ରିଚାର୍ଜ ଷ୍ଟେସନ ଉଦଘାଟନ କରିଛନ୍ତି, ଯାହା ଏହାର ଇତିହାସରେ ଏହିଭଳି ପ୍ରଥମ ପଦକ୍ଷେପ ହୋଇଛି। ବିଦ୍ୟୁତଚାଳିତ ଯାନ ବ୍ୟବହାରର ଫଳସ୍ୱରୂପ କମ୍ପାନୀ ୩୫୦୦ ଟନ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ଆଶା ରଖିଛି, ଏବଂ ଏହା ପରିବହନ ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ। ଏଥିସହିତ ଦୀର୍ଘସ୍ଥାୟିତା ଏବଂ କାର୍ବନ ନ୍ୟୁଟ୍ରାଲିଟି ତ୍ୱରାନ୍ୱିତ କରିବା ଦିଗରେ ବିଶ୍ୱସ୍ତରରେ ପ୍ରୟାସର ଅଂଶ ଭାବରେ ଆଦିତ୍ୟ ଆଲୁମିନିୟମ ଦ୍ରୁତ ଭାବରେ ତାହାର ଡିଜେଲ ଯାନଗୁଡିକ ସ୍ଥାନରେ ଇଭି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ନେଟ–ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ହିଣ୍ଡାଲ୍‌କୋର ପ୍ରତିବଦ୍ଧତା ସହିତ ମେଳ ଖାଉଛି ଏବଂ ଫ୍ଲାଏ ଆଶ ଭଳି ବର୍ଜ୍ୟ ପଦାର୍ଥକୁ ସିମେଣ୍ଟ ଉତ୍ପାଦନରେ ବ୍ୟବହାର କରି ଏକ ଆବର୍ତ୍ତୀ ଅର୍ଥନୀତି ନିମନ୍ତେ ଏହାର ଉତ୍ସର୍ଗୀକୃତ ଭାବକୁ ପ୍ରଦର୍ଶନ କରୁଛି । ଉତ୍ପାଦିତ ହେଉଥିବା ସିମେଣ୍ଟ ପରିମାଣ ମଧ୍ୟରେ ପ୍ରାୟ ୩୨ ପ୍ରତିଶତ ଫ୍ଲାଏ ଆଶ ରହୁଛି, ଏବଂ କମ୍ପାନୀ ପ୍ରାୟ ୧ ନିୟୁତ ଟନ ଫ୍ଲାଏ ଆଶ ଯୋଗାଇ ଦେଉଥିବାରୁ ଏହା ୩୩ ହଜାର ମେଟ୍ରିକ ଟନ ସିମେଣ୍ଟ ଉତ୍ପାଦନ ନିମନ୍ତେ ବନ୍ଧବହାର କରାଯିବ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାରଙ୍ଗ,(ସବ୍ୟୁ) :ବାରଙ୍ଗ ପଞ୍ଚାୟତ ସମିତି ପରିସରରେ ଗୁରୁବାର ଦିନ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ ଉଦଘାଟନ କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇଙ୍କ ସମେତ ବହୁ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ବାରଙ୍ଗବ୍ଲକ ସହିତ ବଡ଼ମ୍ବା, ନିଶ୍ଚିନ୍ତକୋଇଲି ବ୍ଲକର ହିତାଧିକାରୀମାନେ ଏହି ଶିବିରରେ ଉପସ୍ଥିତି ରହି ନିଜ ନାମ ପଞ୍ଜିକୃତ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଓ ବାରଙ୍ଗ ପୁଲିସ ଶିବିରକୁ ନିୟନ୍ତ୍ରଣ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗରେ ୪୦୯ଜଣ ହିତାଧିକାରୀ ନାମ ପଞ୍ଜିକରଣ କରି ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ଶାରୀରିକ ଭିନ୍ନକ୍ଷମ ହିତାଧିକାରୀଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି ହୋଇଥିବାରୁ ସାମାନ୍ୟ ଭିଡ଼ ପରିଲକ୍ଷିତ ହୋଇଥିବାର ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସାରଦା ପ୍ରସନ୍ନ ଦାସ ପରିଚାଳନା କରିଥିବାବେଳେ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

## ନବୀନଙ୍କ କାମକୁ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି କୁହାଯାଉଛି : ବିଜେଡି

# ସିଙ୍ଗାପୁର ସହ ସହଭାଗିତା ନବୀନଙ୍କ ସମୟରେ ଆରମ୍ଭ ହୋଇଥିଲା

ଭୁବନେଶ୍ୱର, (ସବ୍ୟୁ): ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନକୁ ବିଜେଡ଼ି ସ୍ୱାଗତ କରିଥିବାବେଳେ ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ସିଙ୍ଗାପୁର ରାଷ୍ଟ୍ର ସହସହଭାଗିତା ଆରମ୍ଭ ହୋଇଥିଲା ବୋଲି ବିଜୁଜନତା ଦଳ କହିଛି । ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ନବୀନଙ୍କ ୨୪ ବର୍ଷର ଶାସନ କାଳରେ ଓଡ଼ିଶାରେ କିଛି ହୋଇନାହିଁ ବୋଲି କହୁଥିବା ବିଜେପି ବାସ୍ତବରେ କେବଳ ନବୀନଙ୍କ କାମକୁ ରଙ୍ଗ ଦେଇ ନିଜର କହି ବାହାଦୁରି ନେବାକୁ ଚେଷ୍ଟା କରୁଛି ।

ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବିଜେପି ତରଫରୁ ଦିଆଯାଇଥିବା ବିଜ୍ଞାପନକୁ ଦେଖାଇ ଡ଼ ମହାନ୍ତି କହିଥିଲେ, ଏହିବିଜ୍ଞାପନ ଅଧା ଅଛି । ବିଜ୍ଞାପନରେ ଏକ ନୂତନ ଯାତ୍ରାର ଆରମ୍ଭ ବୋଲି କୁହାଯାଇଥିଲାବେଳେ, ବାସ୍ତବରେ ଏହା ନବୀନଙ୍କ ଦ୍ୱାରା ପ୍ରସ୍ତୁତ ରାସ୍ତାରେ ଏହି ନୂତନ ଯାତ୍ରାର ଆରମ୍ଭ । ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଓଡିଶା ଓ ସିଙ୍ଗାପୁର ଭିତରେ ଦକ୍ଷତା ବିକାଶ ପାଇ



ଏମଓୟୁ ସ୍ୱାକ୍ଷର ହୋଇଥିଲା । ଭୁବନେଶ୍ୱର ଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର ରାଜ୍ୟସରକାରଙ୍କ ନିଜସ୍ୱ ଉଦ୍ୟମରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିଲା । କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିନାହାନ୍ତି । କେବଳ ସେତିକି ନୁହେଁ, ରାଜ୍ୟର ଆଇଟିଆଇ ଗୁଡିକର ଅଧ୍ୟକ୍ଷ ଓ ଅଧିକାରୀମାନଙ୍କ ଦକ୍ଷତାବିକାଶ କାର୍ଯ୍ୟଆରମ୍ଭ ହୋଇଥିଲା, ଯାହା ଫଳରେ ବିଶ୍ୱର ଶ୍ରେଷ୍ଠ ଦଶଟି ଆଇଟି ଆଇଭିତରେ, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଆଇଟିଆଇ ସ୍ଥାନ ପାଇପାରିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତାକେନ୍ଦ୍ର ଓ ଭାରତ ବାୟୋଟେକ ଭାକସିନ୍ ପ୍ରମୁଖ ସ୍ଥାନ ରହିଛି । ଏହି ଦୁଇଟି କୃତୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା । ସେ ଆହୁରି କହିଥିଲେ, ଡବଲ୍‌ଇନ ଡବଲବିକାଶର ନାରା ଏବେଡବଲ୍ ଧୋକାରେ ପରିଣତ ହୋଇଛି । ଡବଲ୍‌ଇଞ୍ଜିନ୍ ସରକାରଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟ କରାଯାଇ ନାହିଁ । କେବଳ ନବୀନ ସରକାରଙ୍କ ସମୟର କାମକୁରଙ୍ଗ ବଦଳେଇ ନିଜର କାମ ବୋଲିକୁହାଯାଉଛି । ଡବଲ୍‌ଡେକରବସ୍ ପ୍ରଥମ ଦିନରୁହିଁ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ଫେଲହେଲା ପରିଡବଲ୍ ଡେକରବସ୍ ମଧ୍ୟ ମୁହଁମାଡି ପଡିଛି ବୋଲି ଡ଼ ମହାନ୍ତି କହିଥିଲେ।

## ଇସ୍ରାଏଲ ଆଗରେ ହମାସର କଡ଼ା ସର୍ତ୍ତ

# ୩୫ ବନ୍ଧକ ବଦଳରେ ୧୦୦୦ ଆତଙ୍କବାଦୀ



**କତାର:** ଗାଜାରେ ଶାନ୍ତି ଘୋଷଣା କରାଯାଇଛି । ଇସ୍ରାଏଲ ଓ ହମାସ ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି । କତାର ରାଜଧାନୀରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛ । କିନ୍ତୁ ହମାସ ସହ ହୋଇଥିବା ଚୁକ୍ତି ପାଇଁ ଇସ୍ରାଏଲକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ଇସ୍ରାଏଲ ଓ ହମାସ ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି । ଶାନ୍ତି ଚୁକ୍ତି ଅଧୀନରେ ସ୍ଥିର ହୋଇଥିବା ଫର୍ମୁଲାରୁ ସ୍ପଷ୍ଟ ହେଉଛି ଯେ ଇସ୍ରାଏଲ ନିଜ ନାଗରିକଙ୍କୁ ବଞ୍ଚାଇବା ପାଇଁ ସବୁକିଛି ବାଜି ଲଗାଇଛି । ଜଣେ ୨ ବର୍ଷର ଇସ୍ରାଏଲ ବାଳକ ବଦଳରେ ୩୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ହାମାସ ଦାବି କରିଛ । ସେହିପରି ଜଣେ ମା' ଓ ତାଙ୍କ ପିଲାଙ୍କ ବଦଳରେ ୧୦୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ କୁହାଯାଇଛି । ଏହିପରି ୩୫ ଜଣ ବନ୍ଧକଙ୍କ ବଦଳରେ ମୋଟ ୧୦୦୦ ଆତଙ୍କବାଦୀଙ୍କୁ ଛାଡ଼ିବାକୁ ହମାସ ଦାବି କରିଛି । ତେବେ ଏହି ପିଲା ଓ ସେମାନଙ୍କ ମା' ସଂପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ହମାସ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଦେଇନାହିଁ । ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଦୋହାରେ ହାମାସ ଓ ଇସ୍ରାଏଲ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛ । ରାଷ୍ଟ୍ରପତି ଟ୍ରମ୍ପ ଶପଥ ଗ୍ରହଣ କରିବା ଦିନ କିଛି ଆତଙ୍କବାଦୀଙ୍କୁ ମୁକ୍ତ କରାଯାଇପାରେ । ଇସ୍ରାଏଲ ନିଜ ନାଗରିକଙ୍କ ସୁରକ୍ଷା ପାଇଁ କିଛି ବି କରିବ ବୋଲି ହାମାସ୍ ଭଲ ଭାବେ ଜାଣିଛିଛ ପୂର୍ବରୁ ବି ବନ୍ଧକଙ୍କ ବଦଳରେ ଇସ୍ରାଏଲ । ଇସ୍ରାଏଲ ତା'ର ନାଗରିକଙ୍କ ବଦଳରେ ଆତଙ୍କବାଦୀଙ୍କୁ ମୁକ୍ତ କରିସାରିଛି । ସେହି ଅଭିଜ୍ଞତାକୁ ଆଧାର କରି ହାମାସ ପୁଣି ଥରେ ଇସ୍ରାଏଲର ୩୫ ଜଣ ବନ୍ଧକଙ୍କ ବଦଳରେ ୧୦୦୦ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ଦାବି କରିଛ ।

## ସୈଫ୍‌ଙ୍କୁ ଆକ୍ରମଣ: ଜଣଙ୍କୁ ବାନ୍ଧିଲା ପୋଲିସ୍



**ମୁମ୍ବାଇ:** ଅଭିନେତା ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ଛୁରାମାଡ଼ ଘଟଣାରେ ସନ୍ଦିଗ୍ଧ ଆକ୍ରମଣକାରୀକୁ ବାନ୍ଧିଲା ମୁମ୍ବାଇ ପୁଲିସର ସ୍ପେସାଲ ଟିମ୍ । ଛୁରାମାଡ଼ରେ ଆହତ ହୋଇ ଲୀଳାବତିରେ ଚିକିତ୍ସିତ ହେଉଛନ୍ତି ସୈଫ୍ ଛବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ତାଙ୍କ ନିଜ ଘରେ ଛୁରୀରେ ୬ ଥର ଆକ୍ରମଣ କରାଯିବା ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଗୁରବାର ରାତି ୨.୩୦ ସମୟରେ, ଜଣେ ଚୋର ମୁମ୍ବାଇର ବାନ୍ଦ୍ରାରେ ସୈଫ ଅଲ୍ଲୀଙ୍କ ଘରେ ପ୍ରବେଶ କରି ଏକ ଧାରୁଆ ଛୁରୀରେ ଅଭିନେତାଙ୍କ ଉପରେ ଆକ୍ରମଣ କରିଥିଲା । ଯେଉଁଥିରେ ଅଭିନେତା ଗୁରୁତର ଆହତ ହୋଇଛନ୍ତି ପରେ ତାଙ୍କୁ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଯେଉଁଠି ତାଙ୍କ ସର୍ଜରୀ ପରେ ବର୍ତ୍ତମାନ ସେ ସୁସ୍ଥ ଥିବା ନେଇ ସୂଚନା ରହିଛି । ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ଆକ୍ରମଣ ପରେ, ମୁମ୍ବାଇ ପୁଲିସ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ସରକାରଙ୍କୁ ସମାଲୋଚନା କରାଯାଇଛି । ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ରର ଫଡନାଭିସ ସରକାର ଉପରେ ଆଇନ ଶୃଙ୍ଖଳା ପରିସ୍ଥିତି ଭଙ୍ଗ କରିବାର ଅଭିଯୋଗ ଆଣିଛନ୍ତି । ସୈଫଙ୍କ ଘର ଏତେ କଡା ସୁରକ୍ଷା ଭିତରେ ଥାଇ ଯଦି ଏଭଳି ଘଟଣା ହେଉଛି । ତେବେ ସାଧାରଣ ଜନତା ହୁଅନ୍ତୁ ବା ଅନ୍ୟ ସିନେ ତାରକା କେତେ ସୁରକ୍ଷିତ ?

## ସାଇବର ଠକେଇ ରୋକିବ ସଞ୍ଚାର ସାଥୀ




**ନୂଆଦିଲ୍ଲୀ:** ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଠକେଇ କଲ୍ ଏବଂ ମେସେଜ ବିଷୟରେ ସୂଚନା ଦେବା ପାଇଁ ସଂଚାର ସାଥୀ ମୋବାଇଲ ଆପ୍ ଲଞ୍ଚ କରିଛି । ଶୁକ୍ରବାର କେନ୍ଦ୍ର ଯୋଗାଯୋଗ ଏବଂ ଉତ୍ତର-ପୂର୍ବ ଉନ୍ନୟନ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଦୂରସଂଚାର ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସଂଚାର ସାଥୀ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରିଛନ୍ତି । ସଂଚାର ସାଥୀ ମୋବାଇଲ ଆପ୍ ହେଉଛି ଏକ ଉପଭୋକ୍ତା ସହାୟକ ପ୍ଲାଟଫର୍ମ, ଯାହା ଟେଲିକମ୍ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହାପୂର୍ବରୁ ୨୦୨୩ ମେ ମାସରେ ସଂଚାର ସାଥୀ ପୋର୍ଟାଲ ଆରମ୍ଭ କରାଯାଇଥିଲା । ଏହି ମୋବାଇଲ ଆପକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ କେବଳ ସୁଯୋଗ ପ୍ରଦାନ କରିବ ନାହିଁ ବରଂ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ମଧ୍ୟ ସୁନିଶ୍ଚିତ କରିବ । ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ଉପଲବ୍ଧ ଯୋଗାଯୋଗ ସାଥୀ ମୋବାଇଲ୍ ଆପ୍ ଉପଭୋକ୍ତାଙ୍କୁ ସେମାନଙ୍କ ଟେଲିକମ୍ ତଥ୍ୟକୁ ସୁରକ୍ଷିତ କରିବା ଏବଂ ଟେଲିକମ୍ ଠକେଇର ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉପକରଣମାନ ପ୍ରଦାନ କରେ ।

## ଦିଲ୍ଲୀରେ ଆୟୁଷ୍ମାନ ଭାରତ ଲାଗୁ ହେବା ଉପରେ ରୋକ୍

**ନୂଆଦିଲ୍ଲୀ:** ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କାର୍ଯ୍ୟକାରୀ ହେବା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ଦିଲ୍ଲୀ ହାଇକୋର୍ଟ ତାଙ୍କ ଏକ ନିର୍ଦ୍ଦେଶରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଦିଲ୍ଲୀ ସରକାରଙ୍କ ମଧ୍ୟରେ ବୁଝାମଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୁଝାମଣା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କୁ ଜାତୀୟ ରାଜଧାନୀରେ କାର୍ଯ୍ୟକାରୀ କରାଯିବାର ଥିଲା । ତେବେ ଏବେ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଛନ୍ତି । ଜଷ୍ଟିସ




ବିଆର୍ ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି । ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଏବେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି । ଦିଲ୍ଲୀ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସୁପ୍ରିମକୋର୍ଟରେ ହାଜର ହୋଇଥିଲେ । ରାଜ୍ୟ ତାଲିକାର ଏଣ୍ଟ୍ରି ୧, ୨ ଓ ୧୮ ଅଧୀନରେ କେନ୍ଦ୍ରର କ୍ଷମତା ସୀମିତ ବୋଲି ସିଂଘଭି ଯୁକ୍ତି ବାଢ଼ିଥିଲେ ହେଁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ କ୍ଷମତାକୁ ପୁନଃର୍ନିର୍ଦ୍ଧାରଣ କରିଛନ୍ତି ।

## ଫ୍ୟାନ୍ସଙ୍କୁ ନିବେଦନ କଲେ କରୀନା



**ମୁମ୍ବାଇ:** ଗୁରୁବାର ଭୋର ସମୟରେ ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ଆକ୍ରମଣ ହୋଇଥିଲା । ଅଭିନେତାଙ୍କୁ ତୁରନ୍ତ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହି ଖବର ଶୁଣିବା ପରେ, କେବଳ ଗୋଟିଏ ପ୍ରଶ୍ନ ଉଠୁଥିଲା ଯେ ଆକ୍ରମଣ ସମୟରେ ପତ୍ନୀ କରୀନା କପୁର କେଉଁଠି ଥିଲେ ଏବଂ ସେ କ'ଣ କରୁଥିଲେ । ପରେ ସୂଚନା ମିଳିଲା ଯେ, ଆକ୍ରମଣ ସମୟରେ ସୈଫଙ୍କ ପତ୍ନୀ କରୀନା କପୁର ଘରେ ହିଁ ଥିଲେ ।ସୈଫଙ୍କ ପତ୍ନୀ ତଥା ଅଭିନେତ୍ରୀ କରୀନା କାପୁର ଖାନ ସୋସିଆଲ ମିଡିଆରେ ଏକ କୋହଭରା ପୋଷ୍ଟ କରିଛନ୍ତି । ପୋଷ୍ଟରେ ଫ୍ୟାନ୍ସକୁ ଧୈର୍ଯ୍ୟ ରଖିବାକୁ କରୀନା ନିବେଦନ କରିଛନ୍ତି । ସୈଫ ଅଲ୍ଲୀ ଖାନଙ୍କ ସ୍ୱାସ୍ଥ୍ୟ ବିଷୟରେ ବି ସୂଚନା ଦେଇଛନ୍ତି । କୌଣସି ପ୍ରକାର ଗୁଜବ ଉପରେ ଧ୍ୟାନ ନ ଦେବାକୁ ପରାମର୍ଶ ଦେଇଛନ୍ତି । କରିନା କପୁର ଖାନ ପୋଷ୍ଟରେ ଲେଖିଛନ୍ତି, ''ଆମ ପରିବାର ପାଇଁ ଆଜିର ଦିନ ଚ୍ୟାଲେଞ୍ଜିଂ ଥିଲା । ହଠାତ ଏମିତି ସବୁ କେମିତି ହେଲା, ସେଥିରେ ଆମେ ବି ଆଶ୍ଚର୍ଯ୍ୟ । ଆମ ପାଇଁ ଏହା ଘଡ଼ିସନ୍ଧି ମୂହୂର୍ତ୍ତ । ତେବେ ମୁଁ ଅନୁରୋଧ କରୁଛି ଘଟଣା ନେଇ ଗୁଜବ ନ ହେଉ । ଯେଉଁଭଳି ଭାବେ ଫ୍ୟାନ୍ସ ଅପଡେଟ୍ ଜାଣିବାକୁ ଉଦ୍ୟମ କରୁଛନ୍ତି, ତାହା ଆମ ପାଇଁ ବଡ଼ ବିଷୟ ।

## ଜମି ଦୁର୍ନୀତି ମାମଲା: ଇମ୍ରାନଙ୍କୁ ୧୪ ଓ ପତ୍ନୀଙ୍କୁ ୭ ବର୍ଷ ଜେଲ୍

**ଇସ୍ଲାମବାଦ୍:** ଜମି ଦୁର୍ନୀତି ମାମଲାରେ ଶୁକ୍ରବାର ଏକ ସ୍ଥାନୀୟ କୋର୍ଟ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ୧୪ ବର୍ଷ ଓ ତାଙ୍କ ପତ୍ନୀ ବୁସ୍ରା ବିବିଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ପତି-ପତ୍ନୀଙ୍କୁ ଏହି ଦଣ୍ଡାଦେଶ ଅଲ୍-କାଦିର ୟୁନିଭରସିଟି ପ୍ରୋଜେକ୍ଟ ଟ୍ରଷ୍ଟ ସହି ଜଡ଼ିତ ଦୁର୍ନୀତି ମାମଲାକୁ ନେଇ ମିଳିଛି । ଏହି ମାମଲାରେ ଇମ୍ରାନ ନିଜ ଆସନର ଦୁରୁପଯୋଗ କରିଥିବା ବି ପ୍ରମାଣିତ ହୋଇଛି ।



## ୧୫ ମାସରେ ୪୬ ହଜାର ପାଲେଷ୍ଟିନୀୟ ନିହତ



**ନୂଆଦିଲ୍ଲୀ:** ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ୧୫ ମାସର ଯୁଦ୍ଧରେ ୪୬ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି । ଗାଜା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ଇସ୍ରାଏଲ ଆକ୍ରମଣରେ ଗାଜାରେ ୪୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ୪୦ ହଜାରରୁ ଅଧିକଙ୍କୁ ଚିହ୍ନଟ କରାଯାଇଛି । ମୃତକଙ୍କ ମଧ୍ୟରେ ୧୩,୩୧୯ ଜଣ ଶିଶୁ ଅଛନ୍ତି । ସବୁଠାରୁ କମ୍ ବୟସରେ ଜନ୍ମ ହେବାର ମାତ୍ର କିଛି ଘଣ୍ଟାପରେ ଜଣେ ଶିଶୁର ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।ସେହିପରି ୧୦୧ ବର୍ଷ ବୟସର ଜଣେ ବ୍ୟକ୍ତି (ଗାଜାର ସବୁଠାରୁ ବୟସ୍କ) ମଧ୍ୟ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଏହି ସଂଘର୍ଷରେ ୧୧୦,୦୦୦ ପାଲେଷ୍ଟାଇନ ନାଗରିକ ଆହତ ହୋଇଛନ୍ତି । କିନ୍ତୁ ଏହା ଚୂଡ଼ାନ୍ତ ସଂଖ୍ୟା ନୁହେଁ । କେବଳ ବୋମା ବିସ୍ଫୋରଣ ଏବଂ ବୁଲେଟ୍ ମାଡ଼ରେ ନିହତ ହୋଇଥିବା ଏବଂ ଯେଉଁମାନଙ୍କର ମୃତଦେହ ମିଳିଛି ସେମାନଙ୍କ ସଂଖ୍ୟା ଗଣନା କରି ଏହି ସୂଚନା ଦିଆଯାଇଛି । ବାସ୍ତବ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ହେବ ଏବଂ ତାହାର ସ୍ପଷ୍ଟ ଆକଳନ କରାଯାଇନି । ଯୁଦ୍ଧ ସମୟରେ ଅନେକ ପାଲେଷ୍ଟିନୀୟଙ୍କର କ୍ଷୁଧା, ବାସସ୍ଥାନର ଅଭାବ, ଚିକିତ୍ସାର ଅଭାବ, ସଂକ୍ରମଣ ରୋଗ ବ୍ୟାପିବା ହେତୁ ମୃତ୍ୟୁ ହୋଇଛିଛ ଇସ୍ରାଏଲ ଆକ୍ରମଣରେ ଗାଜାରେ ପ୍ରତି ୧୦ଟିରୁ ୯ଟି ଘର ମାଟିରେ ମିଶିଯାଇଛି । ସ୍କୁଲ୍, ହସ୍ପିଟାଲ, ମସଜିଦ୍, ଦୋକାନ ବଜାର ଏବଂ ଅଫିସ୍ ଉପରେ ଲଗାତାର ବୋମା ବର୍ଷା କରାଯାଉଛି ।

# ବିଜେପି ସଂକଳ୍ପ ପତ୍ରରେ ମହିଳାଙ୍କୁ ଗୁରୁତ୍ୱ

ଦିଲ୍ଲୀ ନିର୍ବାଚନ




**ନୂଆଦିଲ୍ଲୀ:** ବିଜେପି ତା'ର ସଙ୍କଳ୍ପ ପତ୍ରରେ ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କୁ ପ୍ରତି ମାସରେ ୨୫୦୦ ଟଙ୍କା ଦେବ ବୋଲି ଘୋଷଣା କରିଛି । ମହିଳା ସମୃଦ୍ଧି ଯୋଜନାରେ ଏହି ଅର୍ଥ ଦିଆଯିବ । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ବିଜେପି ତା'ର ନିର୍ବାଚନୀ ଇସ୍ତାହାର ବା ସଙ୍କଳ୍ପ ପତ୍ର ଘୋଷଣା କରିଛ ।କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଏହି ସଙ୍କଳ୍ପ ପତ୍ର ଜାରି କରିଛନ୍ତି । ଏଥିରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି । ସେମାନଙ୍କ ପାଇଁ ଦଳ ପୂରା ହାତ ଖୋଲି ଦେଇଛିଛବିଜେପି ତା'ର ସଙ୍କଳ୍ପ ପତ୍ରରେ ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କୁ ପ୍ରତି ମାସରେ ୨୫୦୦ ଟଙ୍କା ଦେବ ବୋଲି ଘୋଷଣା କରିଛି । ମହିଳା ସମୃଦ୍ଧି ଯୋଜନାରେ ଏହି ଅର୍ଥ ଦିଆଯିବ । ଦିଲ୍ଲୀରେ ବିଜେପି ସରକାର ଗଠନ କଲେ, ପ୍ରଥମ କ୍ୟାବିନେଟ ବୈଠକରେ ଏହା ଉପରେ ମୋହର ମରାଯିବ ବୋଲି କହିଛନ୍ତି ଜେ.ପି ନଡ୍ଡା । ସୂଚନାଯୋଗ୍ୟ, ଆପ୍ ପ୍ରତି ମାସରେ ମହିଳାଙ୍କୁ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଥିବା ବେଳେ କଂଗ୍ରେସ 'ପ୍ୟାରୀ ଦିଦି ଯୋଜନା'ରେ ୨୫୦୦ ଟଙ୍କା ଦେବ ବୋଲି ଘୋଷଣା କରିଛି । ଗର୍ଭବତୀଙ୍କୁ ଏକକାଳୀନ ୨୧ ହଜାର ଟଙ୍କା ଦେବାକୁ ଦଳ ଘୋଷଣା କରିଛି । ଏହା ସହିତ ସେମାନଙ୍କୁ ୬ଟି ପୁଷ୍ଟିକର କିଟ୍ ଦିଆଯିବ । କେବଳ ଏତିକି ନୁହେଁ, ପିଏମ୍ ମାତୃତ୍ୱ ବନ୍ଦନ ଯୋଜନାରେ ମହିଳାମାନଙ୍କୁ ସେମାନଙ୍କ ପ୍ରଥମ ସନ୍ତାନ ପାଇଁ ୫୦୦୦ ଟଙ୍କା ଓ ଦ୍ୱିତୀୟ ସନ୍ତାନ ପାଇଁ ୬୦୦୦ ଟଙ୍କା ଦେବାକୁ ଦଳ କରିଛି ଘୋଷଣା । ଦିଲ୍ଲୀର ଗରିବ ମହିଳାଙ୍କୁ ୫୦୦ ଟଙ୍କା ସବ୍ସିଡିରେ ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯିବ । ହୋଲି ଓ ଦୀପାବଳି ଅବସରରେ ସେମାନଙ୍କୁ ମାଗଣାରେ ଗୋଟିଏ ଲେଖାଏଁ ଏଲ୍ପିଜି ସିଲିଣ୍ଡର ଦିଆଯିବ ବୋଲି ବିଜେପି ତା'ର ସଂକଳ୍ପ ପତ୍ରରେ ଘୋଷଣା କରିଛିଛଦିଲ୍ଲୀରେ ବିଜେପି କ୍ଷମତାକୁ ଆସିଲେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ଦିଲ୍ଲୀର ଆପ୍ ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରି ନାହାନ୍ତି । ତା'ଠାରୁ ଭଲ ଯୋଜନା ସେମାନେ କାର୍ଯ୍ୟକାରୀ କରୁଥିବା ଦର୍ଶାଇ ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରି ନାହାନ୍ତି ।

ବିଜେପି କ୍ଷମତାକୁ ଆସିଲେ ଦିଲ୍ଲୀରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ସହିତ ବରିଷ୍ଠ ନାଗରିକମାନଙ୍କ (୭୦ ବର୍ଷରୁ ଅଧିକ) ପାଇଁ ସେଥିରେ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବ ବୋଲି ଘୋଷଣା କରିଛି । ଆୟୁଷ୍ମାନ ଭାରତ ଯୋଜନାରେ କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କାରସ୍ୱାସ୍ଥ୍ୟ ବୀମା ଦେଉଥିବା ବେଳେ ଦିଲ୍ଲୀରେ ବିଜେପି ସରକାର ଗଠନ କଲେ ବରିଷ୍ଠ ନାଗରିକମାନେ ଏହି ଯୋଜନାରେ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପାଇବେ । ବିଜେପି ବରିଷ୍ଠ ନାଗରିକମାନଙ୍କ ପାଇଁ ପେନ୍ସନ ଯୋଜନା ମଧ୍ୟ ଘୋଷଣା କରିଛ । ଏଥିରେ ୬୦-୭୦ ବୟସ ବର୍ଗର ଲୋକେ ମାସକୁ ୨୦୦୦ରୁ ୨୫୦୦ ଟଙ୍କା ପେନସନ ପାଇବେ । ୭୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକମାନଙ୍କୁ ମାସିକ ୩୦୦୦ ଟଙ୍କା ପେନ୍ସନ୍ ପ୍ରଦାନ କରାଯିବ । ସେହିପରି ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଦିଆଯାଉଥିବା ସହାୟତାକୁ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଦଳ ଘୋଷଣା କରିଛି । ଦିଲ୍ଲୀର ବସ୍ତି ଅଞ୍ଚଳରେ ଅଟଳ କ୍ୟାଣ୍ଟିନ ଖୋଲାଯିବ । ଏଥିରେ ମାତ୍ର ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି । ଏହି ସଂକଳ୍ପ ପତ୍ର ଘୋଷଣା ବେଳେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ବିଜେପି ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହିଥିଲେ ।

# ନକଲି ସାର୍ଟିଫିକେଟ୍ ଅଭିଯୋଗ ନିରାଧାର, ଭିତ୍ତିହୀନ



ଭୁବନେଶ୍ୱର,୧୭ା୧ (ସବ୍ୟୁ): ଉତ୍କଳ କରାଟେ ସ୍କୁଲ ପକ୍ଷରୁ ପ୍ରଦାନ କରାଯାଇଥିବା ସାର୍ଟିଫିକେଟ୍ ଗୁଡିକ ନକଲି ନୁହେଁ। ତଥା ଅନ୍ୟାନ୍ୟ ଏକାଧିକ ପ୍ରସଙ୍ଗରେ ଉତ୍କଳ କରାଟେ ସ୍କୁଲକୁ ବଦନାମ କରିବା ପାଇଁ ହୋଇଥିବା ଚକ୍ରାନ୍ତ ସମ୍ପର୍କରେ ସ୍କୁଲ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ହୋଇଥିବା ଅଭିଯୋଗ ଗୁଡିକ ନିରାଧାର ଓ ଭିତ୍ତିହୀନ । ଉତ୍କଳ କରାଟେ ସ୍କୁଲ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ତ ନିୟମାବଳୀକୁ ଅନୁସରଣ କରେ । ସୁକୋକାଇ କରାଟେ ଡୋ ୟୁନିଅନ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ତଥା ଅନୁବନ୍ଧିତ ସଂଗଠନ ହେଉଛି ଉତ୍କଳ କରାଟେ ସ୍କୁଲ । କରାଟେ ଇଣ୍ଡିଆ ଅର୍ଗାନାଇଜେର ସହ ମଧ୍ୟ ଅନୁବନ୍ଧିତ । ଏଥିସହ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍, ଏସୀୟ କରାଟେ ଫେଡେରେସନ୍ ଓ ବିଶ୍ୱ କରାଟେ ଫେଡେରେସନ୍ ଦ୍ୱାରା ଅନୁବନ୍ଧିତ ଏକମାତ୍ର ଜାତୀୟ ସଂଘ । ଉତ୍କଳ କରାଟେ ସ୍କୁଲ ସବୁ ସଂଘରୁ ସ୍ୱୀକୃତି ଲାଭ କରିଛି । ତେଣୁ ସ୍କୁଲ ପକ୍ଷରୁ ପ୍ରଦତ ସମସ୍ତ ସାର୍ଟିଫିକେଟ୍ ଅସଲି ବୋଲି ଶୁକ୍ରବାର ଗଣମାଧ୍ୟମକୁ ସ୍ପଷ୍ଟୀକରଣ ଦେଇଛନ୍ତି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ । ସାରା ବିଶ୍ୱରେ ଖୁବ କମ୍ ଜଣଙ୍କୁ ଅଷ୍ଟମ ଡାନ୍ ବ୍ଲାକବେଲ୍ଟ୍ ମିଳିଛି । ଏମାନଙ୍କ ମଧ୍ୟରେ ଅଛନ୍ତି ହରି ପ୍ରସାଦ ପଟ୍ଟନାୟକ । ବିଶ୍ୱ କରାଟେ ଫେଡେରେସନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକର ମାନ୍ୟତା ମଧ୍ୟ ସେ ପାଇଛନ୍ତି । ଡବ୍ଲ୍ୟୁକେଏଫ୍ ନିୟମାବଳୀ ଅନୁସାରେ ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ଏବଂ ବେଲ୍ଟ୍ ପ୍ରଦାନ କରିବାର ସମ୍ପୂର୍ଣ୍ଣ ଅଧିକାର ତାଙ୍କର ରହିଛି । ଏହାକୁ ନକଲି ବୋଲି ଅଭିଯୋଗ କରିବା ସମ୍ପୂର୍ଣ୍ଣରୂପେ ନିରାଧାର । ୨୦୧୮-୧୯ ମସିହାରେ ଯେଉଁ ସାର୍ଟିଫିକେଟ୍ ଜାରି ହୋଇଥିଲା, ତାହା କରାଟେ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତି ପାଇଥିଲା । ସେହି ସମୟରେ ଜାତୀୟ ସଂଘ ଭାରତ ସଂଘ ଭାରତ ସରକାର ଓ ଭାରତୀୟ ଅଲିମ୍ପିକ୍ ସଂଘ ଦ୍ୱାରା ଅନୁମୋଦିତ ଥିଲା । ସେଥିପାଇଁ ସାର୍ଟିଫିକେଟ୍‌ରେ କେଏଆଇର ଉଲ୍ଲେଖ ଠିକ୍ ଥିଲା । ଏତଦ୍ ବ୍ୟତୀତ ଭାରତୀୟ ଅଲିମ୍ପିକ୍ ସଂଘ ଓ ଭାରତ ସରକାର ଜାତୀୟ କ୍ରୀଡା ସଂଘ ଗୁଡିକୁ ସ୍ୱୀକୃତି ଦିଅନ୍ତି । କିନ୍ତୁ ସିଧାସଳଖ କରାଟେ ସ୍କୁଲକୁ ସ୍ୱୀକୃତି ଦେଇନଥାନ୍ତି । ରାଜ୍ୟ ସରକାରଙ୍କ କ୍ରୀଡା ପ୍ରୋତ୍ସାହନ ଯୋଜନାରେ ନିଯୁକ୍ତି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥାଏ । ତାହା ଶେଷ ହେବା ପରେ କ୍ରୀଡାବିତଙ୍କୁ ସରକାରୀ ଚାକିରି ମିଳିଥାଏ । ଏଦୃଷ୍ଟିରୁ ସାର୍ଟିଫିକେଟ୍‌କୁ ନକଲି କହିବା କେବଳ ହାସ୍ୟାସ୍ପଦ । ଉତ୍କଳ କରାଟେ ସ୍କୁଲ ଜାପାନୀ ଶୈଳୀରେ ପ୍ରଶିକ୍ଷଣ ଦେଇଥାଏ । ସାର୍ଟିଫିକେଟ୍‌ରେ ଇଂରାଜୀ ସହ ଜାପାନୀ ଲେଖାଥାଏ । ଏହି ପ୍ରକ୍ରିୟା ଜାପାନୀ କରାଟେ ସହ ସାମଞ୍ଜସ୍ୟ ଥିବାରୁ ସାର୍ଟିଫିକେଟ୍ ଗୁଡିକରେ ଜାପାନୀ ଭାଷା ମଧ୍ୟ ଲେଖା ହୋଇଥାଏ । ଏହାକୁ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍, ସୁକୋକାଇ କରାଟେ ୟୁନିଅନ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତି ମିଳିଛି । ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ମଧ୍ୟ ଜାପାନୀ ଶୈଳୀର କରାଟେ ପ୍ରଶିକ୍ଷଣ ପାଇଁ ସ୍ୱୀକୃତି ପାଇଛନ୍ତି । ପରିଶେଷରେ ନକଲି ସାର୍ଟିଫିକେଟ୍ ଥିବା ଅଭିଯୋଗ ପୂର୍ଣ୍ଣ ରୂପେ ନିରାଧାର, ଉତ୍କଳ କରାଟେ ସ୍କୁଲ, କେଆଇଓ ଏବଂ ଡବ୍ଲ୍ୟୁକେଏଫ୍ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ମାନ ପାଳନ କରେ । ତେଣୁ ଆମର ଅନୁରୋଧ ଯେ, କୌଣସି ଅଭିଯୋଗ କରିବା ପୂର୍ବରୁ ତଥ୍ୟ ଯାଞ୍ଚ କରନ୍ତୁ ବୋଲି ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ କହିଛନ୍ତି ।

## ଜାତୀୟ କ୍ରୀଡା ପୁରସ୍କାର

# ୪ ଜଣଙ୍କୁ ଖେଳରତ୍ନ, ୩୨ଙ୍କୁ ଅର୍ଜୁନ

ନୂଆଦିଲ୍ଲୀ,୧୭ା୧ (ଏଜେନ୍ସି): ଶୁକ୍ରବାର ରାଷ୍ଟ୍ରପତି ଭବନରେ ଜାତୀୟ କ୍ରୀଡା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଶ୍ୱର କିଛି ପ୍ରମୁଖ କ୍ରୀଡାବିତଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିଛନ୍ତି । ଦୁଇ ଅଲିମ୍ପିକ୍ ପଦକ ବିଜେତା ସୁଟର ମନୁ ଭକର ଓ ଚେସ୍ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶଙ୍କୁ ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କ ବ୍ୟତୀତ ହରମନପ୍ରୀତ ସିଂ ଓ ପ୍ରବୀଣ କୁମାର ମଧ୍ୟ ଖେଳରତ୍ନ ଆୱାର୍ଡ ପାଇଛନ୍ତି । ଏହି ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାମନ୍ତ୍ରୀ ମନସୁକ ମାଣ୍ଡଭିୟ ଉପସ୍ଥିତ ଥିଲେ ।

ମନୁ ଭକର ଅଲିମ୍ପିକ୍ସରେ ଦେଶ ପାଇଁ ଡବଲ ପଦକ ଜିତି ଗୌରବ ଆଣିଥିଲେ । ଡି ଗୁକେସ ଚେସ୍ ବିଶ୍ୱ ଚାମ୍ପିଅନ୍ ଟାଇଟଲ ହାତେଇଥିଲେ । ଏହି ସମାରୋହରେ ମୋଟ୍ ୩୨ ଜଣ କ୍ରୀଡାବିତଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୭ ଜଣ ପାରା ଆଥଲେଟ୍ । ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ଏବଂ ପାରାଲିମ୍ପିକ୍ ହାଇଜମ୍ପ ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାରଙ୍କୁ ସମ୍ମାନୀତ କରାଯାଇଛି । ଏତଦ୍‌ବ୍ୟତୀତ ଉଚ୍ଚକୋଟୀର ପ୍ରଶିକ୍ଷଣ ପାଇଁ ୫ ଜଣଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ବ୍ୟାଡ଼ମିଣ୍ଟନ କୋଚ ଏସ୍ ମୁରଲୀଧରନ୍ ଏବଂ ଫୁଟବଲ କୋଚ ହରମାଣ୍ଡୋ ଏଗନେଲି କୋଲାକୋ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଛନ୍ତି । ଦ୍ରୋଣାଚାର୍ଯ୍ୟ ସମ୍ମାନ ଲାଭ କରିଥିବା ଅନ୍ୟ କୋଚମାନେ ହେଲେ ପାରା ସୁଟିଂର ଶୁଭାସ ରାଣା ଦୀପାଲି ଦେଶପାଣ୍ଡେ, ସନ୍ଦୀପ ସାଙ୍ଗୱାନ ।



# ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର,୧୭ା୧ (ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ୩୧ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୨ଟି ଜିଲ୍ଲାରୁ ୨୫୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ପ୍ରତିଯୋଗୀ ଏବଂ ୫୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗଦେଇଛନ୍ତି । ପ୍ରଥମ ଦିନ ପୁରୁଷ ୫୩, ୫୯ ଓ ୬୬ କିଲୋଗ୍ରାମ ବର୍ଗର ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ହୋଇଛି । ଏହି ପ୍ରତିଯୋଗିତାକୁ ପ୍ରଦୀପ କୁମାର ପାତ୍ର, ରାନୁ ମହାନ୍ତି, ଏନ୍‌ବି ପଟ୍ଟନାୟକ, ରାକେଶ ଶତପଥୀ, କୀର୍ତ୍ତନ ବେହେରା, ଚନ୍ଦ୍ର ଶେଖର ସାହୁ, ଜାଭେଦ ଅର୍ସଦ, ବିଶ୍ୱଜିତ ଜେନା, ଦେବାଶିଷ ମହାନ୍ତି, ବାବୁଲା ସାମଲ, ତନ୍ମୟା ପଣ୍ଡା, ରାଜସ୍ମିତା ସାହୁ, ହିମାଂଶୁ ଶେଖର ଦାସ ତଥା ଚିତ୍ତରଞ୍ଜନ ସ୍ୱାଇଁ ପରିଚାଳନା କରିଛନ୍ତି ।



# ମା ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପରଜଙ୍ଗ,୧୭ା୧ (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ତୋରଡାନାଳି ନୂଆ ସାହି ଖେଳ ପଡିଆରେ ବିଗତ ବର୍ଷ ପରି ଚଳିତ ଉକ୍ତ ଖେଳ ପଡିଆରେ ମା ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁ ଖେଳ ପଡିଆ ମଧ୍ୟରେ ପୂଜାର୍ଚ୍ଚନା କରି ଧୂପ ,ନଡ଼ିଆ ବାଡେଇ ଫିତା କାଟି ଉଦଘାଟନୀ ମ୍ୟାଚକୁ ଶୁଭ ଉଦଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ ପରଜଙ୍ଗ ବ୍ଲକର ସମାଜ ସେବୀ ତଥା ବିଜେପି ଦଳର ଯୁବ ନେତା ପ୍ରଶାନ୍ତ କୁମାର ଦଳବେହେରା ଓରଫ ଗାଣ୍ଡୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଝିଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ରୁଦ୍ର ମୋହନ ପ୍ରଧାନ, ଯୁଗଳ କିଶୋର ରଣା, ପ୍ରିୟ ରଞ୍ଜନ ଦାସ, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମ୍ୟାଚ୧୫ ଓଭର ବିଶିଷ୍ଟ ହୋଇଥିବା ବେଳେ ଉଦଘାଟନୀ ମ୍ୟାଚ୍ ପରଜଙ୍ଗ ବ୍ଲକ ବାରିହାପୁର କ୍ରିକେଟ କ୍ଲବ୍ ଓ ଖମାର ଇଞ୍ଜିଡି କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଞ୍ଜିଡି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭର ଶେଷ ସୁଦ୍ଧା ୯ ୱିକେଟ ହରାଇ ୮୫ ରନ ସଂଗ୍ରହ କରିଥିଲେ । ଜବାବରେ ବାରିହାପୁର ଟିମ୍ ୧୪ ଓଭର ୨ଟି ବଲରେ ୭ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲେ । ସୌଭାଗ୍ୟ ରଣା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ରଣଜିତ୍ ସାହୁ ଓ ବିପିନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ମାଆ ତାରିଣୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେଉଛି ।



# ମାର୍ଚ୍ଚ ୫ରୁ ଭୁବନେଶ୍ୱର ଟେନିସ୍ କ୍ରିକେଟ୍ ଲିଗ୍

ଭୁବନେଶ୍ୱର,୧୭ା୧ (ସବ୍ୟୁ): ମାର୍ଚ୍ଚ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଟେନିସ୍ କ୍ରିକେଟ୍ ଲିଗ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଖେଳାଳି ନିଲାମ ଶେଷ ହୋଇଛି । ମୋଟ୍ ୮ଟି ଫ୍ରାଞ୍ଚାଇଜ୍ ଆଭେସ ୱାରିୟସ, ଭାମ୍ପାୟର ଇନ୍‌ଭିଜିବଲ, ଆର୍‌ଆର୍‌ୱାରିୟର୍ସ, ଖ୍ରୀଷ୍ଟ ଆଡା, ତନଭି ୱାରିୟସ, ଆଞ୍ଜେଲ ଭୁବନେଶ୍ୱର, ଥାର୍ଡ ଆଏ ଓ ଜେଏମ୍‌ଡି ଦଳ ରହିଛନ୍ତି । କଟକ ଓ ଭୁବନେଶ୍ୱର ଖେଳାଳିମାନେ ଫ୍ରାଞ୍ଚାଇଜ୍ ଗୁଡିକ ନିଜ ନିଜ ଦଳରେ ସାମିଲ କରିଛନ୍ତି । ଚାମ୍ପିଅନ୍ ଦଳକୁ ଦେଢ଼ ଲକ୍ଷ ଓ ରନର୍ସ ଅପ୍ ଦଳକୁ ୧ ଲକ୍ଷ ପୁରସ୍କାର ପ୍ରଦାନ କରାଯିବ । ଖେଳାଳି ନିଲାମରେ କ୍ୟାପ୍‌ଡିଲର ସିଇଓ ଶକ୍ତି ମିଶ୍ର ଏବଂ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସଦସ୍ୟ ସନ୍ତୋଷ ପ୍ରଧାନ, ସ୍ୱୟମ୍ ଖାଡଙ୍ଗା, ମାନସ ସାହୁ ଓ ପୁଷ୍ପମିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ପୁରୀରେ ରାଜ୍ୟ କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା



ଭୁବନେଶ୍ୱର,୧୭ା୧ (ସବ୍ୟୁ): ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ୩୦ ତମ ରାଜ୍ୟ କନିଷ୍ଠ ପ୍ରତିଯୋଗିତା ପୁରୀରେ ଆୟୋଜିତ ହେବାକୁଯାଉଛି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଭୁବନେଶ୍ୱରରେ ୧୬ ଜଣିଆ ଦଳ ପୁରୀ ଯାଇଛନ୍ତି । ଦଳର ଖେଳାଳିମାନେ ହେଲେ ସୁବ୍ରଜିତ ବେହେର, ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ଚିନ୍ମୟ ବେହେରା, ଆୟାଂଶୁ ଦାସ, ଅଶ୍ୱିନୀ ପାତ୍ର, ଆଶିଷ ସ୍ୱାଇଁ, କେଶବ ନାୟକ, ସତ୍ୟମ୍ ନାୟକ, ସେକ୍ ଅନିସ ମୁସ୍ତାଫା, ପ୍ରତ୍ୟୁଷ ଦାସ, ବିକାଶ ମହାପାତ୍ର, ଆୟୁଷ ପଣ୍ଡା, ଅମୃତ ରାଜ ମହାନ୍ତି, ଅମ୍ଳାନସାନ ମହାନ୍ତି, ଆୟୁଷ କାନୁନ୍‌ଗୋ, ତନ୍ମୟ ମଲ୍ଲିକ, କୋଚ୍ ଆର୍ଯ୍ୟନ ବ୍ରାହ୍ମିନ ଏବଂ ମ୍ୟାନେଜର ଗୌରୀ ଶଙ୍କର ମିଶ୍ର ପୁରୀ ଯାତ୍ରା କରିଛନ୍ତି । ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ଚାମ୍ପିଅନ୍ସ ଟ୍ରଫି ପାଇଁ ଆଜି ଦଳ ଘୋଷଣା

ନୂଆଦିଲ୍ଲୀ,୧୭ା୧ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶନିବାର ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯିବ । ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଏନେଇ ବିଧିବଦ୍ଧ ଭାବେ ସୂଚନା ଦେଇଛନ୍ତି । ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ପାଇଁ ଦଳ ଘୋଷଣା ହେବାର ସମ୍ଭାବନା ରହିଛି । ଚାମ୍ପିଅନ୍ସ ଟ୍ରଫି ୨୦୨୫ ଏଥର ପାକିସ୍ତାନରେ ଆୟୋଜିତ ହେବ । ଭାରତ ତାର ସମସ୍ତ ମ୍ୟାଚ ହାଇବ୍ରିଡି ମଡ୍ଲେରେ ଦୁବାଇରେ ଖେଳିବ । ଚାମ୍ପିଅନ୍ସ ଟ୍ରଫିରେ ୮ଟି ଦଳ ଅଂଶ ଗ୍ରହଣ କରିବେ । ସେମାନଙ୍କୁ ଦୁଇଟି ବିଭକ୍ତ କରାଯାଇଛି । ଫେବୃଆରୀ ୨୩ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ ମ୍ୟାଚ ଖେଳାଯିବ । ଯଶପ୍ରୀତ ବୁମରା, କୁଲଦୀପ ଯାଦବ ଆହତ ସମସ୍ୟା ପାଇଁ ଦଳରେ ରହିବା ସମ୍ଭାବନା କମ୍ । ତେବେ ଘରେଇ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା କେତେକ ଖେଳାଳିଙ୍କୁ ଜାତୀୟ ଦଳରେ ସୁଯୋଗ ମିଳିପାରେ । କରୁଣ ନାୟର ଏହି ତାଲିକାର ଆଗରେ ରହିଛନ୍ତି । ଇଂଲଣ୍ଡ ବିପକ୍ଷରେ ଭାରତ ୫ଟି ଟି-୨୦ ମ୍ୟାଚ ଓ ୩ଟି ଦିନିକିଆ ମ୍ୟାଚ ଖେଳିବ । ଟି-୨୦ରେ ସୂର୍ଯ୍ୟକୁମାର ଦଳର ନେତୃତ୍ୱ ନେବେ ।

# ପାଲଲହଡା କପ ୨୦୨୫: ଫାଇନାଲରେ ଅନୁଗୁଳ ଏସିସି

ପାଲଲହଡା,୧୭ା୧(ସବ୍ୟୁ): ଗତ ୧୫ତାରିଖ ଠାରୁ ପାଲଲହଡା ଷ୍ଟାଡିୟମ ପରିସରରେ ଚାଲିଥିବା ପାଲଲହଡା କପ୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ତୃତୀୟ ଦିନରେ ପୁଲ ଏର ପ୍ରଥମ ସେମିଫାଇନାଲ ମ୍ୟାଚ ଏସିସି ଅନୁଗୁଳ ବନାମ ୟୁନିକ କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଏଥିରେ ଅନୁଗୁଳ ଏକାଦଶ ଟସ ଜିତି ପ୍ରଥମେ ବାଲିଂ କରିବାର ନିଷ୍ପତି ନେଇ କେନ୍ଦୁଝର ୟୁନିକ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୫ଓଭର ମ୍ୟାଚରୁ କେନ୍ଦୁଝର ୨୧.୩ଓଭରରେ ସମସ୍ତ ୱିକେଟ ହରାଇ ୧୪୮ ରନ କରିବାରେ ସକ୍ଷମ ହୋଇପାରିଥିଲା । ଏହାର ଜବାବରେ ଅନୁଗୁଳ ଏସିସି ଏକାଦଶ ୨୧ ଓଭରରେ ୬ ୱିକେଟ ହରାଇ ଆବଶ୍ୟକୀୟ ୧୫୧ ରନ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ଅନୁଗୁଳ ଅଧିନାୟକ ଆୟୁଷ ବାରିକ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମ୍ୟାନ ଅଫ ଦି ମ୍ୟାଚ ଆଜିର ମୁଖ୍ୟ ଅତିଥି କନ୍ତଳା ପଞ୍ଜାନେସନାଲ ବ୍ୟାଙ୍କ ଶାଖା ପରିଚାଳକ ଓ ବରିଷ୍ଠ ଆଇନଜୀବୀ ଆଡ଼ଭୋକେଟ ଚିତ୍ତରଞ୍ଜନ ପ୍ରଧାନ ଙ୍କଠାରୁ ପୁରସ୍କୃତ ହୋଇଛନ୍ତି । ଆଜିର ଖେଳ କୁ ପରିଚାଳନା କରିଥିଲେ ରଞ୍ଜିତ କୁମାର ସାମଲ ଏବଂ ଭବ ନାରାୟଣ ମିଶ୍ର । ସ୍କୋରର ଦାୟିତ୍ୱରେ ଭୂପେନ କୁମାର ନାୟକ, ତ୍ରିପୁରାରୀ ବେହେରା ଥିବା ବେଳେ, ଭବାନୀ ଶଙ୍କର ବାରିକ, ଶୁଭ୍ରାଂଶୁ କୁମାର ଜେନା ପୁରୁଷୋତ୍ତମପୁର ନାଏକ, ରିତେଶ କୁମାର ବେହେରା ଚିରଞ୍ଜୀବୀ ନାଏକ ଶିବ ପ୍ରସାଦ ସାମଲ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଶନିବାର ପୁଲ ବି ର ପ୍ରଥମ ଲିଗ ମ୍ୟାଚ କ୍ଲବ ପାଲଲହଡା ବନାମ ଝାରସୁଗୁଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ଅଜିତ କୁମାର ପ୍ରଧାନ କହିଛନ୍ତି ।

# ସ୍ୱପ୍ନେଶ୍ୱର ଗ୍ରାମାଞ୍ଚଳ କ୍ରିକେଟ ପଲେଇ ୟୁଥ୍ କ୍ଲବ ଚାମ୍ପିଅନ୍

ନିଶ୍ଚିନ୍ତକୋଇଲି,୧୭ା୧ (ସବ୍ୟୁ): କଟରପଡ଼ା ପଞ୍ଚାୟତ ସ୍ଥିତ ସ୍ୱପ୍ନେଶ୍ୱର ଖେଳ ପଡ଼ିଆରେ ଉତ୍ସାହ ପରିବାର ଓ ସ୍ୱପ୍ନେଶ୍ୱର କ୍ଲବ ମିଳିତ ଆନୁକୂଲ୍ୟରେ ଏକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଏହି ଟୂର୍ଣ୍ଣାମେଣ୍ଟକୁ କ୍ରୀଡ଼ା ପ୍ରେମୀ ଫକୀର ଚରଣ ନାୟକ ଓ ଶିକ୍ଷାବିତ୍ ସୁନିଲ କୁମାର ସ୍ୱାଇଁ ଉଦଘାଟନ କରିଥିଲେ । ଏଥିରେ ୨୪ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ମଲ୍ଲୀପୁର କ୍ରିକେଟ ଟିମକୁ ହରାଇ ପଲେଇ ୟୁଥ୍ କ୍ଲବ ଚାମ୍ପିଅନ୍ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଉତ୍ସାହ ପରିବାର ସଭାପତି ଦେବାଶିଷ ବେଉରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ରଂଜନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଫକୀର ନାୟକ, ସମ୍ମାନୀତ ଅତିଥି ଭାବେ ସେନା ଅଧିକାରୀ ବିଜୟ କୁମାର ବରାଳ,ଯୁବନେତା ପିତାମ୍ବର ମହାନ୍ତି, ଉପସଭାପତି ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ହୋଇ ଚାମ୍ପିଅନ ଓ ରନର୍ସ ଦଳକୁ ଟ୍ରଫି ସହିତ ପରିବେଶ ସୁରକ୍ଷା ପାଇଁ ଚାରା ଗଛ ପ୍ରଦାନ କରି ସଚେତନ କରାଇଥିଲେ । ରାଜେଶ ସ୍ୱାଇଁ,ଆଶିଷ ମହାନ୍ତି, କେଶବ ପରିଡ଼ା, ଦେବବ୍ରତ ପ୍ରଧାନ, ତପନ କୁମାର ପାତ୍ର, ଜଗନ୍ନାଥ ମହାନ୍ତି ଖେଳ ପରିଚାଳନା କରିଥିଲେ ।

# ସର୍ବଭାରତୀୟ ସଖା ସଂଘ ଫୁଟବଲ: ଫାଇନାଲରେ ଭୁବନେଶ୍ୱର

ନିରାକାରପୁର,୧୭ା୧ (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୧ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କିଶୋର କ୍ଲବ୍ , ଭୁବନେଶ୍ୱର ୨-୦ ଗୋଲରେ ମରାଠା ଫୁଟବଲ୍ ଏକାଡେମୀ, ଭଞ୍ଜନଗରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହୋଇଥିବାବେଳେ କିଶୋର କ୍ଲବ ଭୁବନେଶ୍ୱର ପ୍ରଥମାର୍ଦ୍ଧ ର ୨ ମିନିଟ ପରେ ଗୋଟିଏ ଗୋଲ ଓ ଦ୍ୱିତୀୟାର୍ଦ୍ଧର ୨୫ ମିନିଟ , ୩୫ ମିନିଟ ପରେ ଆଉ ଦୁଇଟି ଗୋଲ ଦେଇ ମରାଠା ଫୁଟବଲ୍ ଏକାଡେମୀ, ଭଞ୍ଜନଗରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଖେଳକୁ ଶିବ ସାମନ୍ତରାୟ, ଏମ୍‌ଏସ ବେଗ, ସୁକାନ୍ତ କୁମାର ପ୍ରଧାନ ଓ ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶୁକ୍ରବାର ଅତିଥି ଭାବେ କଂଗ୍ରେସ ବରିଷ୍ଠ ନେତା ପୃଥିବୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ଜିଲ୍ଲପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଆଇନଜୀବୀ ଶିରିର ପରିଡ଼ା, କଂଗ୍ରେସ ଯୁବ ନେତା ବିଶ୍ୱଭୂଷଣ ଛୋଟରାୟ, ବିଜୟ କୁମାର ରାଉତରାୟ, କ୍ରୀଡାବିତ ମନୋଜ କୁମାର ମାନସିଂହ, ଅବସରପ୍ରାପ୍ତ କ୍ୟାପଟେନ ବିଜୟ କୁମାର ବଳିଆରସିଂହ ଓ କଂଗ୍ରେସ ନେତା ରାମଚନ୍ଦ୍ର ରଣସିଂହ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଦଳର ବେଷ୍ଟ ଗୋଲ କିପର ସୋମନାଥ ସୋରେନ, ବେଷ୍ଟ ପ୍ଲେୟାର ପାରୁଆ ମୁର୍ମୁ ଓ ସୋନୁଙ୍କୁ ସଖା ସଂଘ କ୍ରୀଡା ସଂସଦ ଉପସଭାପତି ତଥା ଟାଙ୍ଗୀ ସାମ୍ବାଦିକ ଆଇନ ପରାମର୍ଶଦାତା ଶ୍ୟାମ ସୁନ୍ଦର ପଟ୍ଟନାୟକ ସ୍ୱର୍ଗତ ପତ୍ନୀ ପ୍ରମିଳା ପଟ୍ଟନାୟକ, ଇଞ୍ଜିନିୟର ଅପର୍ତି ପ୍ରଧାନଙ୍କ ପତ୍ନୀ ସ୍ୱର୍ଗତ ଉଷା ରାଣୀ ପ୍ରଧାନ ଓ ସ୍ୱର୍ଗତ କେଦାରେଶ୍ୱର ଜୟସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ । ସଭାପତି ବିପିନ କୁମାର ଜୟସିଂହ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ, ଉପସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ , ପ୍ରକାଶ କୁମାର ବଳିଆରସିଂହ, ସମ୍ପାଦକ ଭାଗିରଥି ପ୍ରଧାନ, କୋଷାଧକ୍ଷ ହରିହର ସିଂହ, ଉପଦେଷ୍ଟା ମହେଶ୍ୱର ବେହେରା, ଦିଗମ୍ବର ବଳିଆରସିଂହ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ଦୀପକ କୁମାର ପ୍ରଧାନ, ହିମାଂଶୁ ଭୂଷଣ ଚମ୍ପତିରାୟ, ଚିତ୍ତରଞ୍ଜନ ବେହେରା ଓ ଟିମ୍ ମ୍ୟାନେଜର ମନୋଜ କୁମାର ପ୍ରଧାନ, ଅଜୟ କୁମାର ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ ।





## ସୂଚନା

ସମୟ BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି